## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭବାନୀପାଟଣା,୨୪।୧୨(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା–କେସିଙ୍ଗା ୨୬ନଂ. ଜାତୀୟ ରାଜପଥର ମହିନ୍ଦ୍ରା ଶୋ'ରୁମ ନିକଟରେ ସୋମବାର ରାତିରେ ଏକ ଧାନ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଫଟକାମାଲ ଗ୍ରାମର ଛବିନ୍ଦ୍ର ସାହୁ(୪୧)। ମିଳିଥିବା ସୂଚନା ଅନୁଯାୟୀ, ଛବିନ୍ଦ୍ର ଭବାନୀପାଟଣାରୁ ଏକ ବାଇକ୍ (ନଂ.ଓଡି୦୮ଏସ–୯୧୧୨)ରେ ଘରକୁ ଫେରୁଥିବାବେଳେ ଧାନ ବୋଝେଇ ଟ୍ରକ (ଓଆର୧୯ଜେ–୯୩୩୯) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସଦର ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ୨ କେଜି ବଜ୍ରକାପ୍ତା କାତି ଜବତ, ୩ ଅଟକ

ଖଡ଼ିଆଳ,୨୪।୧୨ (ସୁଜିତ କୁମାର ପ୍ରଧାନ): ଖଡ଼ିଆଳ ବନ ବିଭାଗ ଚଢ଼ାଉ କରି ୨କେଜି ବଜ୍ରକାପ୍ତା କାତି ଜବତ ସହ ୩ଜଣଙ୍କୁ ଅଟକ ରଖିଛି। ବିଭାଗ ସୂତ୍ରରୁ ପ୍ରକାଶ ଯେ, ସୋମବାର ସନ୍ଧ୍ୟା ୭ଟା ସମୟରେ ଡୁଆଝର ପଞ୍ଚାୟତର ଭିମାଖୋଲ ଛକଠାରେ ଅଭିଯୁକ୍ତମାନେ ବଜ୍ରକାପ୍ତାକୁ ମାରି କାତି ବିକ୍ରି କରିବା ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଏହି ଖବର ପାଇ ଖଡ଼ିଆଳ ବନ ବିଭାଗ ଚଢ଼ାଉ କରି ଭିମାଖୋଲ ଗ୍ରାମର ଦୁଇଜଣ ବ୍ୟକ୍ତି ଓ ସାଗୁନଭା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ଅଧିକ ପଚାରଉଚରା କରୁଥିବା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

### ଗଞ୍ଜେଇ ଜବତ, ମହିଳା ଗିରଫ

ଜୁନାଗଡ଼,୨୪।୧୨(ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଅବକାରୀ ବିଭାଗ ଚଢାଉ କରି ଜବତ କରିବା ସହ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ତଲମଲା ଗ୍ରାମର ନିର୍ମଳା ଦାସ(୪୬)। ନିର୍ମଳା ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ବିଭାଗ ସୂଚନା ପାଇ ଚଢାଉ କରିଥିଲା। ଏହି ସମୟରେ ନିର୍ମଳାଙ୍କଠାରୁ ୬୦୦ ଗ୍ରାମ ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ ନିର୍ମଳାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ୨ ବାଇକ୍ ଧକ୍କା: ଜଣେ ମୃତ

ଲାଞ୍ଜିଗଡ଼,୨୪।୧୨(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଗୁଲାମବନ୍ଧ ଛକ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ କାଣ୍ଡାମା ଗ୍ରାମର ଚନ୍ଦ୍ରମଣୀ ଦୋରା (୨୮)। ସୂଚନାନୁସାରେ ଚନ୍ଦ୍ରମଣୀ ବାଇକ ଯୋଗେ ବିଶ୍ୱନାଥପୁର ଯାଉଥିବା ବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ବଡ ଯାମକେତୁ ଗ୍ରାମର ଖିରାଦ୍ରି ମାଝୀ (୩୨) ଓ ପୂର୍ଣ୍ଣ ମାଝୀ (୨୯) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତିନିଜଣ ଗୁରୁତର ହୋଇ ରାସ୍ତା କଡରେ ପଡିଥିଲେ। ଖବରପାଇ ଲାଞ୍ଜିଗଡ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜିବ କୁମାର ନାଏକ ଓ ବିଡ଼ିଓ ଶଶାଙ୍କ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ଦୁଇ ଗୁରୁତରଙ୍କୁ ବିଶ୍ୱନାଥପୁର ସିଏଚ୍‌ସିକୁ ପଠାଇଥିଲେ। ବିଡ଼ିଓ ପାତ୍ର ନିଜ ଗାଡ଼ିରେ ଅନ୍ୟ ଜଣେ ଗୁରୁତରଙ୍କୁ ନେଇ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ୩ ଗୁରୁତରଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚନ୍ଦ୍ରମଣୀଙ୍କ ମୃତ୍ୟୁ ଘଟିଥିଲା।

### ଆଣ୍ଟି ରାଗିଂ ରୁଲ କଡାକଡି ପାଳନ କର

ଭବାନୀପାଟଣା,୨୪।୧୨(ଉତ୍ତମ କୁମାର ଦାଶ): ହାଇସ୍କୁଲ ଓ କଲେଜରେ ଆଣ୍ଟିରାଗିଂ ରୁଲକୁ କଡାକଡି ପାଳନ କରିବାକୁ କଳାହାଣ୍ଡି ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ସୋମବାର ଏକ ପତ୍ର ଜରିଆରେ ଜିଲାର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଏକ ରିପୋର୍ଟ ଆସନ୍ତା ୧୫ଦିନ ମଧ୍ୟରେ ଦେବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି । ପ୍ରକାଶ ଯେ, ଗତ ଗୁରୁବାର ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇନ୍ଦ୍ରାବତୀ ଛାତ୍ରୀ ନିବାସ (ହଷ୍ଟେଲ) ବାଥ୍ ରୁମ୍ ଭିତରୁ ତୋଫାଲି ନାଏକ ନାମନୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ସେହିପରି ଗତ ସେପ୍ଟେମ୍ବରରେ ଭବାନୀପାଟଣା ବ୍ଲକ ମେଦିନୀପୁର ନିକଟ ବିନାୟକ ରେସିଡେନସିଆଲ କଲେଜରେ ଅଙ୍କେଶ ବାଗ ନାମକ ଛାତ୍ରଙ୍କୁ ରାଗିଂ କରି ସହପାଠୀମାନେ ୩ ମହଲା କୋଠାରୁ ଠେଲିଦେଇଥିବା ଅଭିଯୋଗ ହୋଇଥିଲା।

# ଚାଷୀଙ୍କୁ ଦାଉ ସାଧୁଛି ଅଦିନିଆ ବର୍ଷା

**ଖୋଲା ଆକାଶ ତଳେ ଶହେରୁ ଊର୍ଦ୍ଧ୍ୱ ମଣ୍ଡି**

ଭବାନୀପାଟଣା,୨୪।୧୨(ଉତ୍ତମ କୁମାର ଦାଶ)


ନୂଆଗୁଡ଼ାଠାରେ ଥିବା ମଣ୍ଡି ଖୋଲା ଆକାଶ ତଳେ ଚାଲିଛି।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କାରଣରୁ ଗତ ୨ଦିନ ହେଲା କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ହେଉଛି। ବର୍ତ୍ତମାନ ଧାନ ଅମଳ ସହିତ ମଣ୍ଡିରେ ବିକ୍ରି ପ୍ରକ୍ରିୟା ଚାଲିଥିବାବେଳେ ବର୍ଷା ଯୋଗୁ ଧାନ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଅନେକ ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ କାଟି ନାହାନ୍ତି। ଟୋକନ୍ ବିଳମ୍ବ ହେତୁ କିଛି ଚାଷୀ ଧାନ ଖଳାରେ ରଖିଥିବାବେଳେ ଆଉ କିଛି ବିକ୍ରି ଆଶାରେ ଧାନକୁ ମଣ୍ଡିରେ ରଖିଛନ୍ତି। ଏପରିସ୍ଥଳେ ଅଦିନିଆ ବର୍ଷା ସେମାନଙ୍କୁ ସଙ୍କଟରେ ପକାଇଦେଇଛି। ଜିଲାର ଅନେକ ମଣ୍ଡି ଏବେ ମଧ୍ୟ ଖୋଲା ଆକାଶ ତଳେ ଚାଲିଛି। ସେଠାରେ ଚାଷୀଙ୍କୁ ତାରପୋଲିନ ଦିଆଗଲେ ମଧ୍ୟ ଝିପିଝିପି ବର୍ଷା ଯୋଗୁ ଧାନ ଭିଜୁଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟ ଜିଲାରେ ଏବେ ବି ଶହେରୁ ଅଧିକ ମଣ୍ଡି ଖୋଲା ଆକାଶ ତଳେ ଚାଲୁଥିବା ଜଣାପଡିଛି। କଳାହାଣ୍ଡି ଜିଲାରେ ଗତ ନଭେମ୍ବର ୨୯ ତାରିଖଠାରୁ ମଣ୍ଡି ଖୋଲିଥିଲା। ଜିଲାର ୨୨୩ ମଣ୍ଡି ମଧ୍ୟରୁ ବର୍ତ୍ତମାନ ୨୨୦ଟି ଖୋଲିଥିବାବେଳେ ଅବଶିଷ୍ଟ ଲାଞ୍ଜିଗଡ ବ୍ଲକରେ ଖୋଲି ନ ଥିବା ଜଣାପଡିଛି। ସେହିପରି ସୋମବାର ପର୍ଯ୍ୟନ୍ତ ଜିଲାର ୨୨ ହଜାର ୩୮୦ ଚାଷୀଙ୍କଠାରୁ ୧୦ ଲକ୍ଷ ୩୬ ହଜାର କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ସେହିପରି ମଙ୍ଗଳବାର ବର୍ଷା ସତ୍ତ୍ୱେ ପ୍ରାୟ ୧ଲକ୍ଷ ୧୦ ହଜାର କୁଇଣ୍ଟାଲ ଧାନ ଉଠାଣ ସରିଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ ପ୍ରକାଶ କରିଛନ୍ତି।

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି

**କଂଗ୍ରେସର ଶୋଭାଯାତ୍ରା, ଜିଲାପାଳଙ୍କୁ ଦାବିପତ୍ର**

ଭବାନୀପାଟଣା,୨୪।୧୨(ଉତ୍ତମ କୁମାର ଦାଶ)

ରାଜ୍ୟ ସଭାରେ ବାବା ସାହେବ ଡ଼. ଆମ୍ବେଡ଼କରଙ୍କ ପ୍ରତି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଇଥିବା ଅପମାନ ଜନକ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛି କରିଛି କଂଗ୍ରେସ। ଏହାର ପ୍ରତିବାଦରେ ଭବାନୀପାଟଣାରେ ଦଳ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରାଯାଇଛି। ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଓ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା ସ୍ଥାନୀୟ ରେଳ ଷ୍ଟେଶନ ନିକଟ ବାବା ସାହେବ ଡ଼. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିଠାରୁ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲ। ଏଥିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ବାବା ସାହେବଙ୍କୁ ଅପମାନିତ କରିଥିବାରୁ କ୍ଷମା ପାର୍ଥନା କରନ୍ତୁ ନଚେତ ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ। ଯଦି ସେ ଇସ୍ତଫା ନ ଦେଲେ କଂଗ୍ରେସ ପକ୍ଷରୁ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସମୟରେ ଜିଲା ଉପସଭାପତି ଉଚ୍ଛବ ସାହୁ, ଇନ୍ଦ୍ରଜିତ ମହାକୁଡ, ଦ୍ରୌପଦୀ ମାଝୀ, ସୁବାସ ଚନ୍ଦ୍ର ପ୍ରଧାନ, ଜଳନ୍ଧର ନାୟକ, ପ୍ରେମଲାଲ ସାଗର, ରାମ ଜୈନ, ସରୋଜ ବାଗ, ରାହସ ସାହୁ, ସଚିନ ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭୋଟିଂ

ଲାଞ୍ଜିଗଡ଼,୨୪।୧୨(ରମେଶ ଚନ୍ଦ୍ର ନାୟକ)



କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବର ଗୁପ୍ତ ମତଦାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବୈଦେହୀ ମାଝୀଙ୍କ ବିରୋଧରେ ପଞ୍ଚାୟତର ଦଶରୁ ଅଧିକ ୱାର୍ଡ ସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଭବାନୀପାଟଣା ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଜିଲାପାଳ ନୋଟିସ ଜାରି କରି ଲାଞ୍ଜିଗଡ଼ ତହସିଲଦାରଙ୍କୁ କାଗଜାତ ତନଖି ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ତାରିଖରେ ଜିଲା ପ୍ରଶାସନର ନିର୍ଦ୍ଦେଶରେ ନର୍ଲା ତହସିଲଦାର ବଳଦେବ ବେହେରା ଅନାସ୍ଥା ଭୋଟିଂ ପାଇଁ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ମତଦାନ କରାଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଞ୍ଜୀବ କୁମାର ଠାକୁର ନିର୍ବାଚନ ପରିଚାଳନା କରିଥିଲେ। ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

**ଅନୁପସ୍ଥିତ ରହିଲେ ସରପଞ୍ଚ**

ତେବେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆଲୋଚନା ଓ ଗୁପ୍ତ ମତଦାନ ପାଇଁ ସମୟ ଧାର୍ଯ୍ୟ ହୋଇଥିବାବେଳେ ସରପଞ୍ଚ ମାଝୀ ଓ କେତେଜଣ ୱାର୍ଡ଼ ସଭ୍ୟାସଭ୍ୟ ଅନୁପସ୍ଥିତ ରହିଥିଲେ। ନାଏବ ସରପଞ୍ଚ ଓ ୮ଜଣ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବରେ ଗୁପ୍ତ ମତଦାନ କରିଥିବା ସୂଚନା ମିଳିଛି।

### ଜାତୀୟ ଉପଭୋକ୍ତା ଦିବସ

ନୂଆପଡ଼ା,୨୪।୧୨ (ମକାରୁ ବେମାଲ)

ନୂଆପଡ଼ା ପଞ୍ଚାୟତ ସମିତି ରାଜୀବ ସେବା କେନ୍ଦ୍ରଠାରେ ମଙ୍ଗଳବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରଦା ଓ ଜିଲା ବୈଧ ମାପ ବିଜ୍ଞାନ ନୂଆପଡ଼ାଙ୍କ ମିଳିତ ଆନୁକୂଲ୍ୟରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ପରଦାର ଅଧ୍ୟକ୍ଷ ରୁଦ୍ର ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଅଣ୍ଟୁରାମ ନାଏକ ମୁଖ୍ୟଅତିଥି, ଡିସିଏଲ୍‌ଏମ୍ ପ୍ରତିକ ରାଜ ହସଦା, ସରପଞ୍ଚ ସଂଘ ସଭାପତି ପ୍ରେମଲାଲ ନାଏକ, ହିରାଲାଲ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲା ଖାଉଟି ଅଦାଲତ ମୁଖ୍ୟକିରାଣି ପ୍ରମାନନ୍ଦ ହଂସ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଖାଉଟି ଅଦାଲତର ଅଭିଯୋଗ ଶୁଣାଣି ଓ ନୀତିନୀୟମ ବିଷୟରେ ବୁଝାଇଥିଲେ । ମୁଖ୍ୟଅତିଥି ନାଏକ ରାଶନକାର୍ଡଧାରୀ କିପରି ଓଜନ ମାପ କରି ଠିକ ପରିମାଣରେ ସାମଗ୍ରୀ ପାରିବେ ସେ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରତାପ ସାହୁ, ସଞ୍ଜିବ ପ୍ରଧାନ, ଉମାଶଙ୍କର ପଟେଲ, ମାନିନୀ ଉଜିର, ଶଙ୍କର ବିଶ୍ୱାଳ, ରାଜେଶ ସାହୁ, ମାଧବ ଦାସ, କୁସୁମ ଜୟସ୍ୱାଲ, ବଳରାମ ରାଉତ, ତୁଳସି ରାମ ମାଝି, ବିଭୀଷଣ ପୋଡ ପ୍ରମୁଖ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର



ଜଣେ ଦିବ୍ୟାଙ୍ଗଙ୍କୁ ଅଧିକାରୀମାନେ ହୁଇଲ ଚେୟାର ପ୍ରଦାନ କରୁଛନ୍ତି।

କର୍ଲାମୁଣ୍ଡା,୨୪।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର, ବିଡିଓ ସିଦ୍ଧେଶ୍ୱର ମେହେର, ସିଡିପିଓ କଳ୍ପଲତା ତ୍ରିପାଠୀ, ବ୍ଲକ୍ ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ଜିଲା ଭିନ୍ନକ୍ଷମ ମଞ୍ଚ ସମ୍ପାଦକ ଡୋଲାମଣି ପ୍ରଧାନ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ। ଭବାନୀପାଟଣାରୁ ଡା. ଅରୁଣ ଗିରି, ଡା. ନିବେଦିତା ମହାରଣା, ଡା. ରୁଚିକା ଖେତାନ, ଡା. ପ୍ରବୀଣ ସାହୁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ମୋଟ ୩୬୮ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିବା ବେଳେ ୧୦୭ ଜଣଙ୍କୁ ଦିବ୍ୟାଙ୍ଗ ଭାବେ ଚିହ୍ନଟ କରାଯାଇ ଜଣେ ମହିଳାଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

# ଜୁନାଗଡରେ ବିଦ୍ୟୁତ ପଶ୍ଚିମ ଡିଭିଜନ ସ୍ଥାପନ ଦାବି

ଭବାନୀପାଟଣା,୨୪।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଟିପିଡବ୍ଲ୍ୟୁଓଡିଏଲ୍ ବିଦ୍ୟୁତ ପଶ୍ଚିମ ଡିଭିଜନ ସ୍ଥାପନ କରିବା ଦାବି ନେଇ ମଙ୍ଗଳବାର ଭବାନୀପାଟଣାଠାରେ ଅବସ୍ଥାପିତ ଅଧୀକ୍ଷଣ ଯନ୍ତ୍ରୀ ଲୋକନାଥ ଦାଶଙ୍କୁ ସ୍ଥାନୀୟ କଂଗ୍ରେସ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଇଛି। ପ୍ରକାଶ ଯେ, ଜୁନାଗଡ ସହର ଜିଲା ତଥା ଧର୍ମଗଡ ଉପଖଣ୍ଡ ମଧ୍ୟଭାଗରେ ରହିଛି। ଜୁନାଗଡରୁ ଧର୍ମଗଡ ଉପଖଣ୍ଡର ପ୍ରାୟ ସମସ୍ତ ବ୍ଲକ ସମାନ ଦୂରତାରେ ରହିଛି। ତେଣୁ ବିଦ୍ୟୁତ୍ ଡିଭିଜନ ସ୍ଥାପନ ପାଇଁ ଜୁନାଗଡ ହେଉଛି ଉପଯୁକ୍ତ ସ୍ଥାନ। ଏହା ନ ହେଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ କଂଗ୍ରେସ ନେତା ପ୍ରଭାତ ଦାଶ, ଚିତ୍ତରଞ୍ଜନ ନିଆଲ, ଅମିତ ଅଗ୍ରୱାଲ, ନବୀନ ଟାକ୍ରି ପ୍ରମୁଖଙ୍କ ସହ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ୯୦ ଅଭିଯୋଗର ଶୁଣାଣିକଲେ ଜିଲାପାଳ

ବୋଡ଼େନ,୨୪।୧୨ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ବୋଡ଼େନ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ଯୋଗଦେଇ ୯୦ ଗୋଟି ଅଭିଯୋଗର ଶୁଣାଣିକରି ଆବଶ୍ୟକ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ପାନୀୟ ଜଳ, ଆବାସ ଯୋଜନାରେ ଘର, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ପାରିଶ୍ରମିକ ଭଳି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଶିବିରରେ ଜିଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ବୋଡ଼େନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା, ସମସ୍ତ ଜିଲା ତଥା ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକ ଉତ୍ସବ

କୋକସରା,୨୪।୧୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଶାନ୍ତିନଗରସ୍ଥିତ ସାଇନିଂ ୱାର୍ଲଡ ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଳାହାଣ୍ଡି ତହସିଲଦାର ଶୁଭସ୍ମିତା ମିଶ୍ର ମୁଖ୍ୟ ଅତିଥି, କୋକସରା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟ ବକ୍ତା ଓ ଦଇତାରୀ ନାଏକ, ଶରତ ଦାସ, ବିଜୟ କୁମାର ଶବର, ଭାଗ୍ୟଧର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟ ଅଧକ୍ଷ ଭାଗ୍ୟଧର ମଲ୍ଲିକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଉପାଧ୍ୟକ୍ଷ ଦୁର୍ଗାଦଳ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୋଳମଣୀ ନାଏକ ଓ ରଚୟିତା ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

# ବ୍ଲକ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଗୋଲାମୁଣ୍ଡା/କେଗାଁ,୨୪।୧୨ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଓଡିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ରାଜ୍ୟ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ମହାନନ୍ଦ ନିଜ ବ୍ଲକକୁ ଫେରିବା ପରେ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଥିଲେ। ଖଳିଆକାନି ଛକଠାରୁ ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମ ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାରିଥିଲା। ଶିବାଜୀ ଷ୍ଟାଡିୟମଠାରେ ଅନୁଷ୍ଠିତ ସଭାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହିକାର୍ଯ୍ୟକ୍ରମରେ ଦଶପୁର ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ଖଳିଆପାଲି ସରପଞ୍ଚ ଜିମୁତ ହରପାଲ, ବରିଷ୍ଠ ନେତା ବୃଷଭ ନାଏକ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଖବରଦାତା ସୁଧୀର ପ୍ରସାଦ ସାହୁ,ଆଇନଜୀବୀ ଜୟଦ୍ରଥ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବର ଶୁଭ ଉଦ୍‌ଘାଟନ

କେସିଙ୍ଗା,୨୪।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ କୁଣ୍ଡାବନ୍ଧ ଗ୍ରାମ ପଞ୍ଚାୟତ ଯୋଗମାୟା ପୀଠ ପରିସରରେ ଜିଲାପାଳ ସଚିନ ପାୱାର ପ୍ରକାଶଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଉତ୍ସବ ଲୋଗୋ ଉନ୍ମୋଚନ କରାଯାଇଛି। ପ୍ରଥମେ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାକୁ ଜିଲାପାଳ ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ସଂସ୍କୃତି ଅଧିକାରୀ ବିବେକା ନନ୍ଦ ମହାନନ୍ଦ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତି ପ୍ରମୁଖ ଯୋଗଦେଇ କଳାହାଣ୍ଡି ଉତ୍ସବ ସମ୍ପର୍କରେ ନିଜସ୍ୱ ମତ ପ୍ରକାଶ କରିଥିଲେ। ଶେଷରେ ଘୁମୁରା, ସମ୍ବଲପୁରୀ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ହତ୍ୟାକାଣ୍ଡ:ଅଭିଯୁକ୍ତ କୋର୍ଟ ଚାଲାଣ

ଜୁନାଗଡ଼,୨୪।୧୨(ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଗୌଡ଼ଛେଣ୍ଡିଆ ପଞ୍ଚାୟତର ଖୁର୍ସେଲଗୁଡା ଗ୍ରାମରେ ରବିବାର ଜମି ବନ୍ଧକ ଘଟଣାକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ହୋଇଥିଲା। ମଙ୍ଗଳବାର ଏହି ଘଟଣାରେ ଖୁର୍ସେଲଗୁଡା ଗ୍ରାମର ଅଭିଯୁକ୍ତ ରାଜିନ୍ଦ୍ର କୁମାର ସା (୪୩ )ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ରବିବାର ସକାଳେ ଗ୍ରାମର ତୋଫାନ ଓ ରାଜିନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଜିନ୍ଦ୍ର ରାଗିଯାଇ ଏକ କାଠ ଫାଳିଆରେ ତୋଫାନଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ରକ୍ତସ୍ରାବ ପରେ ତୋଫାନ ଚେତାଶୂନ୍ୟ ହୋଇପଡିଥିଲେ। ପରିବାର ଲୋକେ ଏକ ଆମ୍ବୁଲାନ୍ସ ଯୋଗେ ଜୁନାଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ନିଶାମୁକ୍ତ ଭାରତ ଅଭିଯାନ

ଜୁନାଗଡ,୨୪।୧୨(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା। ଏଥିରେ ଯୁକ୍ତ୨ ପ୍ରଥମ ଓ ଦ୍ୱିତୀୟ ବର୍ଷ (କଳା ଓ ବିଜ୍ଞାନ) ଛାତ୍ରୀଛାତ୍ରଙ୍କୁ ନିଶାମୁକ୍ତ ଉପରେ ସଚେତନତା ସହ ତାଲିମ ପ୍ରଦାନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ବିଭୁତି ଭୂଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ମେହେର, ଆଦିତ୍ୟ କୁମାର ଖମାରୀ, ପ୍ରାଧ୍ୟାପିକା ସାଗରିକା ଦାସ, ଅଧ୍ୟାପକ ନେତ୍ରାନନ୍ଦ ପ୍ରଧାନ, ବିଶ୍ୱ ରଞ୍ଜନ ବେହେରା, ବସନ୍ତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ।



କଲେଜ ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି।

# ୨୧ଦଫା ଦାବିରେ ରାସ୍ତାକୁ ଓହ୍ଲାଇଲା ଆଦିବାସୀ ସଂଘ

ନୂଆପଡ଼ା,୨୪।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଶିକ୍ଷା ବିଭାଗରେ ଦୁର୍ନୀତିକୁ ଘଣ୍ଟ ଘୋଡାଇବା, ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ବିଳମ୍ବ, ମଣ୍ଡି ଅବ୍ୟବସ୍ଥା, ଛତୁ ଫୁଟିଲା ଭଳି ମଦକୋଠି ଖୋଲିବା ଭଳି ୨୧ ଦଫା ଦାବି ନେଇ ମଙ୍ଗଳବାର ଜିଲା ଆଦିବାସୀ କଲ୍ୟାଣ ସଂଘ ରାସ୍ତାକୁ ଓହ୍ଲାଇଥିଲା। ସଂଘ ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝିଙ୍କ ନେତୃତ୍ୱରେ ସହସ୍ରାଧିକ ଆଦିବାସୀ ମହିଳାପୁରୁଷ ପାରମ୍ପରିକ ବେଶଭୂଷା, ହାତ ହତିଆର ଓ ବାଦ୍ୟଯନ୍ତ୍ର ସହ ସ୍ଥାନୀୟ ପୋଲିସ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ପୋଲିସ ଓ ଧାରଣାକାରୀ ଧସ୍ତାଧସ୍ତି ହୋଇଥିଲେ। ପରେ ଆଦିବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସିଥିଲେ। କେବଳ ଜରୁରିକାଳୀନ ସେବାକୁ ବାଦ୍‌ଦେଇ ଅନ୍ୟ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହି ସମୟରେ ଖୋଦ ଏସ୍‌ପି ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଅଫିସରୁ ନିଜ ବାସଭବନକୁ ଯାଉଥିଲେ। ହେଲେ ଧାରଣାକାରୀ ତାଙ୍କୁ ନ ଛାଡିବାରୁ ସେ ବାଧହୋଇ ଫେରି ଆସିଥିଲେ। ଦୀର୍ଘ ୬ ଘଣ୍ଟା ପରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର ଓ ଉପଜିଲାପାଳ ଯୋଗେନ୍ଦ୍ର ମାଝି ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଜିଲା ଭିତରେ ଯାହା ସମ୍ଭବ ପୂରଣ କରିବା ସହ ଅନ୍ୟ ଦାବିଗୁଡିକୁ ସରକାରଙ୍କୁ ଜଣାଇବୁ ବୋଲି ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ସମୟରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୧ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ ଭୟାବହ ହେବ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ରାଜ୍ୟ ଆଦିବାସୀ କଲ୍ୟାଣ ସଂଘର ବାଳକୃଷ୍ଣ ଶବର, ଦଳିତ ଆଦିବାସୀ କଲ୍ୟାଣ ମହାସଂଘ ଭବାନୀପାଟଣା ପରମାନନ୍ଦ ମାଝି, ବିଝାଲ ସମାଜ ରାଷ୍ଟ୍ରୀୟ ଅଧ୍ୟକ୍ଷ ହୃଷୀକେଶ ବରିହା, ହୋମ ସିଂ ମାଝି, ସରୋଜିନୀ ମାଝି, କମଲେଶ ଠାକୁର, ଭକ୍ତବନ୍ଧୁ ଧରୁଆ, ଜ୍ଞାନେଶ୍ୱର ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ଧାରଣାସ୍ଥଳରେ ଏସ୍‌ପିଙ୍କୁ ଅଟକାଇଛନ୍ତି ଆନ୍ଦୋଳନକାରୀ।

- ଆନ୍ଦୋଳନକାରୀ-ପୋଲିସ ଧସ୍ତାଧସ୍ତି
- ଏସ୍‌ପିଙ୍କୁ ରାସ୍ତା ଛାଡିଲେ ନାହିଁ ଧାରଣାକାରୀ

## ଅଗ୍ନିକାଣ୍ଡରେ ଜଳିଗଲା ଧାନଖରି

**ବୌଦ୍ଧ (ଅଜିତ କୁମାର ବାରିକ):** ବୌଦ୍ଧ ଥାନା ଅନ୍ତର୍ଗତ ବଡିଗାଁ ପଞ୍ଚାୟତର ଗିରାସିଙ୍ଗା ଗ୍ରାମରେ ମଙ୍ଗଳବାର ଦିନ ଅଗ୍ନିକାଣ୍ଡ ଘଟି ଏକ ଧାନଖରି ସଂପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି । ପ୍ରକାଶ ଯେ, ଗିରାସିଙ୍ଗା ଗ୍ରାମର ରୋହିତ ଭୋକ୍ରା ନିଜର ପ୍ରାୟ ପାଞ୍ଚ ଏକର ଜମିରୁ ଧାନଫସଲ କାଟି ଗଦା କରିଥିଲେ । ତେବେ ହଠାତ୍ ଧାନଖରିରେ ନିଆଁ ଲାଗି ପୋଡି ଯାଇଥିଲା । ଖବରପାଇ ବୌଦ୍ଧ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ ।

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ବରଗଡ଼,୨୪।୧୨(ପ୍ରେମାନନ୍ଦ ଖମାରୀ)


ଜିଲାପାଳଙ୍କୁ ଫେରାଦ ହୋଇଥବା ଚାଷୀବୃନ୍ଦ ।

**କାର୍ଯ୍ୟକ୍ଷମ ହେଉନି ଗଭୀର ନଳକୂପ**

ବରଗଡ଼ ଜିଲାର ଅଣଜଳସେଚିତ ଅଞ୍ଚଳର ଅନେକ ସ୍ଥାନରେ ଗଭୀର ନଳକୂପ ଖୋଳାଯାଇଛି । ମାତ୍ର ଦୀର୍ଘବର୍ଷ ଧରି ସେଠାକୁ ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ । ଫଳରେ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଗଭୀର ନଳକୂପ କାର୍ଯ୍ୟକ୍ଷମ ହୋଇ ପାରି ନ ଥିବା ଯୋଗୁ ଚାଷୀମାନେ ଚାଷକାର୍ଯ୍ୟ କରିପାରୁନାହାନ୍ତି । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ମଙ୍ଗଳବାର ବିଜେପୁର ବ୍ଲକ ଅନ୍ତର୍ଗତ ଚେରଙ୍ଗାମୁଣ୍ଡା, ଟାଙ୍ଗୁରୁପଦର ଗ୍ରାମର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ ସହିତ ବିଦ୍ୟୁତ୍ ସଂଯୋଗ କରି ଗଭୀର ନଳକୂପଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି । ସ୍ମାରକପତ୍ର ଅନୁସାରେ, ଉଠାଜଳସେଚନ ବିଭାଗ ଦ୍ୱାରା ଗ୍ରାମର ଚାଷୀମାନେ ଜମିହିଡ଼ରେ ଗଭୀର ନଳକୂପ ଖୋଳିଛନ୍ତି । ଗଭୀର ନଳକୂପ କାର୍ଯ୍ୟକ୍ଷମ ହେଲେ ସେମାନେ ଜମିକୁ ପାଣି ମଡ଼ାଇ ଚାଷକାର୍ଯ୍ୟ କରିବେ ବୋଲି ଆଶା ରଖିଥିଲେ । କିନ୍ତୁ ଦୀର୍ଘ ୪ବର୍ଷ ତଳୁ ଗଭୀର ନଳକୂପ ଖୋଳାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସେଠାକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ । ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଛି । କିନ୍ତୁ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଆଇଏନ୍‌ଟିୟୁସି କାର୍ଯ୍ୟକାରୀ ସଭାପତି କିଶୋର ସାହୁଙ୍କ ସମେତ ସୁଦାମ ସାହୁ, କାମପାଳ ସାହୁ, ହେମଚନ୍ଦ୍ର ସାହୁ, କରୁଣାକର ସାହୁ, ପ୍ରଫୁଲ୍ଲ ସାହୁ, ନବୀନ ଡନସନା ପ୍ରମୁଖ ଚାଷୀବୃନ୍ଦ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ବିଭାଜନସ୍ତରୀୟ ପାଣିପଞ୍ଚାୟତ ସମାବେଶ

ବରପାଲି,୨୪।୧୨(ଚିତ୍ତରଞ୍ଜନ ସାହୁ)

ବରପାଲି କେନାଲ ବିଭାଜନ ପରିସରରେ ସୋମବାର ବିଭାଜନସ୍ତରୀୟ ପାଣିପଞ୍ଚାୟତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧୀକ୍ଷଣ ଯନ୍ତ୍ରୀ ମଦନ ମୋହନ ସେଠୀ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ରୀନା ଥଇତ ମୁଖ୍ୟ ଅତିଥି, ନିହାର କାନ୍ତ ଭୋଇ, ଶୁକଦେବ ମହାରଣା ସମ୍ମାନିତ ଅତିଥି, ହୀରାକୁଦ ମଣ୍ଡଳ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବସନ୍ତ କୁମାର ସାହୁ ଓ ବରପାଲି କେନାଲ ଡିଭିଜନ ଅତିରିକ୍ତ ଯନ୍ତ୍ରୀ ଘନଶ୍ୟାମ ସେଠ୍ ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରିଥିଲେ । ଚାଷୀମାନେ ପାଣିର ସଦ୍‌ବ୍ୟବହାର ତଥା ସଠିକ ପରିଚାଳନା ଉପରେ ଗୁରୁତ୍ୱ ଦେବା ପାଇଁ ଅତିଥିମାନେ କହିଥିଲେ । ନିବେଦିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଘନଶ୍ୟାମ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# 'ଧନୁଯାତ୍ରା ଆୟୋଜନ ସାମୂହିକ ଦାୟିତ୍ୱ'


ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅଧିକାରୀମାନେ ।

ଭୁବନେଶ୍ୱର, ୨୪।୧୨(ବନ୍ଦନା ସେଠୀ)

- ବରଗଡ଼ ଧନୁଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ଏଲ୍‌ଇଡି ଡିସ୍‌ପ୍ଲେ ମାଧ୍ୟମରେ ହେବ ସାଂସ୍କୃତିକ କାର୍ଯ୍ୟକ୍ରମର ସିଧା ପ୍ରସାରଣ

ଆସନ୍ତା ଜାନୁଆରୀ ୩ରୁ ୧୩ ପର୍ଯ୍ୟନ୍ତ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅନୁଷ୍ଠିତ ହେବ । ବରଗଡ଼ ଧନୁଯାତ୍ରା ଆମର ଗର୍ବ ଓ ଗୌରବ । ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ସ୍ୱୀକୃତିପ୍ରାପ୍ତ ବରଗଡ଼ ଧନୁଯାତ୍ରା ଭଗବାନ କୃଷ୍ଣ, ତାଙ୍କ ବାଲ୍ୟଲୀଳା ଓ ରାକ୍ଷସ ମାମୁଁ କଂସଙ୍କ କାହାଣୀ ଉପରେ ଆଧାରିତ । ଏହି ଉତ୍ସବ ସମୟରେ ସମଗ୍ର ବରଗଡ଼ ଜିଲା ମଥୁରା ରାଜ୍ୟରେ ପରିଣତ ହୋଇଯାଏ । ଏହାର ଆୟୋଜନ କେବଳ ବରଗଡ଼ ଜିଲା ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ମଙ୍ଗଳବାର ପର୍ଯ୍ୟଟନ ବିଭାଗ ସମ୍ମିଳନୀ କକ୍ଷରେ ବରଗଡ଼ ଧନୁଯାତ୍ରା ଆୟୋଜନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଅଧ୍ୟକ୍ଷତା କରି ଏହାକୁ ବିଶ୍ୱସ୍ତରରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଧନୁଯାତ୍ରାର ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲାର ବିଭିନ୍ନ ସ୍ଥାନରେ ଏଲ୍‌ଇଡି ଡିସ୍‌ପ୍ଲେ ମାଧ୍ୟମରେ ସିଧା ପ୍ରସାରଣ କରି ଡିଜିଟାଲ ପ୍ରସାରକୁ ବୃଦ୍ଧି କରାଯିବ । ଅତିଥି ଓ ପର୍ଯ୍ୟଟକମାନଙ୍କୁ ସୁନ୍ଦର ଅନୁଭୂତି ପ୍ରଦାନ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ହୀରାକୁଦ ଡ୍ୟାମ୍ ଏବଂ ସ୍ଥାନୀୟ ହସ୍ତଶିଳ୍ପ କ୍ଲଷ୍ଟର ଓ ରାତ୍ରି ବଜାରକୁ ଆକର୍ଷଣୀୟ କରି ଉତ୍ସବରେ ସାମିଲ କରିବା ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ସାଂସ୍କୃତିକ ଉତ୍ସାହ ଭରିବା ପାଇଁ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମା ଏବଂ ଲଳିତ କଳା ଏକାଡେମୀ ଭଳି ଅନୁଷ୍ଠାନଗୁଡ଼ିକର ଯୋଗଦାନ ଉପରେ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଆଭାସି ମାଧ୍ୟମରେ ଯୋଗ ଦେଇଥିବାବେଳେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ସମର୍ଥ ବର୍ମା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ଉପାଧ୍ୟାୟ, ବରଗଡ଼ ଜିଲାପାଳ ଆଦିତ୍ୟ ଗୋଏଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳୀରାମ ବୋନ୍ଦର, ବରଗଡ଼ ଏସ୍‌ପି ପ୍ରହଲାଦ ସାହାଇ ମୀନା ଏବଂ ନ୍ୟାଶ୍‌ନାଲ ସ୍କୁଲ ଅଫ୍ ଡ୍ରାମା ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଷ୍ଟାର ଜିଲାସ୍ତରୀୟ ଶିଶୁ ଉତ୍ସବ

ବରପାଲି, ୨୪।୧୨(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ସ୍ଥିତ ଜଗବନ୍ଧୁ ଦାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଗଠନ(ଓଷ୍ଟା) ପକ୍ଷରୁ ସୋମବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଓଷ୍ଟାର ଜିଲା କାର୍ଯ୍ୟକାରୀ ସଭାପତି ଜଗନ୍ନାଥୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ଡିଇଓ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ସହିତ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରିବା ପାଇଁ ଏହି ଶିଶୁ ଉତ୍ସବ ଏକ ମାଧ୍ୟମ ବୋଲି ମୁଖ୍ୟ ଅତିଥି ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ବୃଜ ସୁନ୍ଦର ମେହେରଙ୍କ ରଚିତ ପୁସ୍ତକ ଜାନ୍‌ଲା କଥା ଉନ୍ମୋଚନ ହୋଇଥିଲା । ଏହି ମେଳାରେ ୧୦ଟି ବିଷୟ ଉପରେ ପ୍ରତିଯୋଗିତା କରାଯାଇଥିଲା । ବରପାଲି ବିଇଓ ମୁକୁନ୍ଦ ମାହାରା, ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ ସମ୍ମାନିତ ଅତିଥି, ରାଜ୍ୟ ସହ ସମ୍ପାଦକ, ଆଶୁତୋଷ ପ୍ରସାଦ ରଥ, ଜିଲା ସମ୍ପାଦକ ସଞ୍ଜୟ ସିଂ ବକ୍ତା ଭାବେ ମଞ୍ଚାସୀନ ଥିଲେ । ଉପ ସଭାପତି ଅନସୂୟା ଦେବତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲା ଉପ ସଭାପତି ରୁଦ୍ରଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ଉତ୍ସବ ଜିଲା ଓଷ୍ଟା ସଭାପତି ନନ୍ଦଲାଲ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବରପାଲି ବ୍ଲକ ସମ୍ପାଦକ ସରୋଜ ସାହୁ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ରାଜ୍ୟ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ମୁଖ୍ୟ ବକ୍ତା, ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲା ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ ।

# ସଂସ୍କାର ସ୍କୁଲରେ ଜନନୀ-୨୦୨୪


ଜନନୀ-୨୦୨୪ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ।

ବରଗଡ଼,୨୪।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ମଙ୍ଗଳବାର ବାର୍ଷିକୋତ୍ସବ ଜନନୀ-୨୦୨୪ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡ଼ିଆ, ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ, ବବିତା ସାୱଡ଼ିଆ, ମେଘା ସାୱଡ଼ିଆ, ସୁଶ୍ରୀ ଶ୍ରଦ୍ଧା ସାୱଡ଼ିଆ, ଏକାଡେମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ମମତା ସିହ୍ନା, କୋର୍ଡିନେଟର ସୁଶ୍ରୀ ରୀତା ନାଏକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସେହିପରି ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ ।

ମୁଖ୍ୟ ଅତିଥି ପୁରୋହିତ କହିଥିଲେ, ମାଁ ହିଁ ଶିଶୁମାନଙ୍କର ପ୍ରଥମ ଗୁରୁ ଏବଂ ମାର୍ଗଦର୍ଶିକା । ସେହି ଶିଶୁ ଭିତରେ ସଂସ୍କାରର ବୀଜରୋପଣ କରି ସମାଜ ଆଗରେ ତାକୁ ସୁନାଗରିକ ଭାବେ ଛିଡା କରାଇଥାଏ । ସାୱଡ଼ିଆ ପରିବାର ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ଭଳି ସଂସ୍କାରଭିତ୍ତିକ ସ୍କୁଲ ସ୍ଥାପନ କରି ସମାଜକୁ ଏକ ଉନ୍ନତଧରଣର ପରିବେଶ ଦେଇଛନ୍ତି । ସେହିପରି ସ୍କୁଲର ଚେୟାରମ୍ୟାନ ସାୱଡ଼ିଆ ଗୁରୁଦ୍ୱାରା ଛକରେ ସଂସ୍କାର ସାପ୍‌ଲିଙ୍ଗର ଦ୍ୱିତୀୟ ଶାଖା ଖୋଲିବ ବୋଲି ଘୋଷଣା କରିଥିଲେ । ମାତୃ ପିତୃ ପୂଜା, ମଡ଼େଲ ଅଫ୍ ୟୁନାଇଟେଡ୍ ନେଶନ, ଆଡ୍‌ଭେଞ୍ଚର କ୍ୟାମ୍ପ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଂସ୍କାର ଇଣ୍ଟରନ୍ୟାଶନାଲ କରିଆସୁଥିବା ସେ ସୂଚନା ଦେଇଥିଲେ । ପ୍ରିନ୍ସିପାଲ ସାହୁ ବିବରଣୀ ପାଠ କରିଥିଲେ । ଡାଇରେକ୍ଟର ପଟ୍ଟନାୟକ ଦୈନନ୍ଦିନ ଜୀବନରେ ଅନୁଶାସନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିବାବେଳେ ଡାଇରେକ୍ଟର ସାୱଡ଼ିଆ ସ୍କୁଲରେ ବହୁମୁଖୀ ହଲ୍ ନିର୍ମାଣ କରିବାକୁ ଘୋଷଣା କରିଥିଲେ ।

ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ର ଉଷାରାଣୀ ଦୋରା, ପିହୁ ଅଗ୍ରୱାଲ, ଦିବ୍ୟାଂଶ ଜିନ୍ଦଲ, ରିୟା ଜେନା, ମୋହିତ କୁମାର ଅଗ୍ରୱାଲ, ଶୁଭାଙ୍ଗୀ ଚାଟାର୍ଜୀ, ସମୀକ୍ଷା ସୁନା, ପାପୁନ ସା, ସୋନାକ୍ଷୀ ବିର୍ମିୱାଲଙ୍କ ସମେତ ଅନେକ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସଂସ୍କାର ସାପ୍‌ଲିଙ୍ଗ୍‌ର କୁନି କୁନି ପିଲାମାନଙ୍କ ର୍‍ୟାମ୍ପ୍ ୱାକ୍ ଚିତ୍ତାକର୍ଷକ ହୋଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଛତିଶଗଡ଼, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାର ଆଦି ପ୍ରଦେଶର ୨୫୦୦ ଅଭିଭାବକ ଏବଂ ୧ହଜାର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ବୋଲି ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି । ଶିକ୍ଷୟିତ୍ରୀ ନେହା ଶର୍ମାଙ୍କ ସମେତ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୋର୍ଡିନେଟର ମମତା ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ ।

# ସମସ୍ତ ବ୍ଲକରେ ଖୋଲିଲା ଧାନମଣ୍ଡି

ବୌଦ୍ଧ,୨୪।୧୨( ଅଜିତ କୁମାର ବାରିକ)

**ବୌଦ୍ଧ ଜିଲା**

ବୌଦ୍ଧ ଜିଲାର ସମସ୍ତ ବ୍ଲକରେ ଧାନମଣ୍ଡି ଖୋଲାଯାଇଛି । ଗତ ୧୭ ତାରିଖରେ କଣ୍ଟାମାଳ ବ୍ଲକରେ ମଣ୍ଡି ଖୋଲା ଯାଇଥିଲା । ମଙ୍ଗଳବାର ଦିନ ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ସମସ୍ତ ଧାନମଣ୍ଡି ଖୋଲାଯାଇଛି । ଚଳିତବର୍ଷ ୪୩୧୨୦ ଜଣ ଚାଷୀ ଧାନ ବିକ୍ରୟ କରିବାକୁ ନାମ ପଞ୍ଜୀକୃତ କରିଥିବା ବେଳେ କାଗଜପତ୍ର ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ ୪୩୧୦୯ ଜଣ ଚାଷୀ ଯୋଗ୍ୟ ବିବେଚିତ ହୋଇଥିଲେ । ଗତବର୍ଷ ଅପେକ୍ଷା ୨୦୭୨ ଜଣ କମ ଚାଷୀ ନାମ ପଞ୍ଜୀକୃତ କରିଥିବା ଜଣାଯାଇଛି । ସେହିପରି ଚଳିତବର୍ଷ ୧୬ ଲକ୍ଷ ୧୧୮୫ କୁଇଣ୍ଟାଲ ଧାନ କ୍ରୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଧାନ କ୍ରୟ ପାଇଁ ୬୦ ଗୋଟି ମଣ୍ଡି ଓ ଅଧିକ ଚାଷୀ ଥିବା ଅଞ୍ଚଳରେ ଅତିରିକ୍ତ ମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଚଳିତବର୍ଷ ରାଜ୍ୟରେ ନୂତନ ଧାନକ୍ରୟ ନୀତି ଯୋଗୁ ଚାଷୀମାନେ ଯେପରି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି । ବିଶେଷ କରି ଜିଲାରେ ଧାନକ୍ରୟରେ କଟନି ଛଟନି ବନ୍ଦ କରାଯିବା ଏବଂ ଶତପ୍ରତିଶତ ଚାଷୀ ଯେପରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନର ସହାୟକ ମୂଲ୍ୟ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ପ୍ରତ୍ୟେକ ଧାନ ମଣ୍ଡିରେ ଧାନର ମାନ ନିର୍ଣ୍ଣୟ ପାଇଁ ସମସ୍ତ ବ୍ୟବସ୍ଥା ଓ ବୈଷୟିକ ସହାୟତା ଯୋଗାଇ ଦିଆଯିବାକୁ ସୁନିଶ୍ଚିତ କରାଯାଇଛି । ଧାନକ୍ରୟରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରତ୍ୟେକ ଧାନମଣ୍ଡିରେ ସିସିଟିଭି ବ୍ୟବସ୍ଥା କରାଯାଇଛି । ମଣ୍ଡିଗୁଡିକରେ ଚାଷୀମାନଙ୍କ ପାଇଁ ବିଶ୍ରାମସ୍ଥଳ, ପାନୀୟଜଳ, ଶୌଚାଳୟ ଆଦି ବ୍ୟବସ୍ଥା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ମଣ୍ଡି ସହିତ ସମନ୍ୱୟ ରଖି ମିଲ୍ ମାଲିକମାନେ ନିଜସ୍ୱ ଗାଡି ପଠାଇ ଠିକ୍ ସମୟରେ ଧାନ ଉଠାଇବା, ମଣ୍ଡିରେ ଚାଷୀଙ୍କୁ ଯେପରି ଶୀତ କାକରରେ ଅପେକ୍ଷା କରିବାକୁ ନ ପଡିବ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି । ମଣ୍ଡିରୁ ଯେପରି କୌଣସି ଚାଷୀ ଧାନ ବିକ୍ରି କରି ନ ପାରି ଘରକୁ ଫେରାଇ ନ ନେବ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି । ଜିଲା ପ୍ରଶାସନ ପକ୍ଷରୁ ଧାନ କ୍ରୟ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତା ବଢାଇଛି ।

# ବିଧାୟକଙ୍କ ମହିମା ଆଶ୍ରମ ପରିଦର୍ଶନ

ବଘିଆପଡା,୨୪।୧୨( ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲାର ପବିତ୍ର ପୀଠ ମହୁଲ ମୂଳ । ଏହି ମହୁଲ ଗଛ ମୂଳ ଆଶ୍ରମକୁ ମହିମା ଧର୍ମର ଅନ୍ୟତମ ପବିତ୍ର ପୀଠ ଭାବରେ ବିବେଚନା କରାଯାଏ । କିନ୍ତୁ ପରିତାପର ବିଷୟ ବିଶ୍ୱ ଦରବାରରେ ପହଞ୍ଚି ସାରିଥିବା ମହିମା ଧର୍ମର ଏହି ଆଦ୍ୟ ପୀଠ ଆଜି ଅବହେଳିତ ହୋଇ ପଡିରହିଛି । ସ୍ଥାନର ପବିତ୍ରତା ଯୋଗୁ ଦୂର ଦୂରାନ୍ତରୁ ମହିମା ଧର୍ମାବଲମ୍ବୀମାନେ ଏହି ସ୍ଥାନକୁ ଆସିଥାନ୍ତି । ବର୍ତ୍ତମାନ ଏହି ସ୍ଥାନରେ ମହିମା ଧର୍ମର ଅନେକ ସାଧୁ ସନ୍ୟାସୀ ଅବସ୍ଥାନ କରୁଛନ୍ତି । ମଙ୍ଗଳବାର ଦିନ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମହୁଲମୂଳ ଆଶ୍ରମ ପରିଦର୍ଶନ କରିବା ସହିତ ବଲାଶିଙ୍ଗାସ୍ଥିତ ଧୁନି ମନ୍ଦିର ଦର୍ଶନ କରିଛନ୍ତି । ଆସନ୍ତା ମାର୍ଚ୍ଚ ମାସ ୬ ତାରିଖଠାରୁ ୧୩ ତାରିଖ ପର୍ଯ୍ୟନ୍ତ ନବନିର୍ମିତ ଧୁନି ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ବିଧାୟକ ପ୍ରଧାନ ଆଶ୍ରମର କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା ସମୟରେ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି । ଏଥିସହିତ ଯଜ୍ଞ ପୂର୍ବରୁ ଆଶ୍ରମର ଭିତ୍ତିଭୂମି ବିକାଶ ପାଇଁ ଆଲୋଚନା ହୋଇଥିବା ଜଣାଯାଇଛି । ଆଶ୍ରମର ସାଧୁ କୁଳଧର ଦାସ,ସାଧୁ କୃଷ୍ଣଚନ୍ଦ୍ର ଦାସ ଓ ଯଜ୍ଞ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଝାରବନ୍ଧ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଝାରବନ୍ଧ,୨୪।୧୨(ଦେବେନ୍ଦ୍ର ସାହୁ)

ଝାରବନ୍ଧ ଡିଗ୍ରୀ କଲେଜର ୨୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଛାତ୍ରମାନେ କ୍ରୀଡ଼ା ମଶାଲକୁ ଆଣିବା ପରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ଜମିଦାତା ପ୍ରଫୁଲ୍ଲ ସାହୁ, ନନ୍ଦଲାଲ ମହାପାତ୍ର ସ୍ୱାଗତ କରିଥିଲେ । ଏଥିସହ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଖେଳ ଶିକ୍ଷକ ଛତ୍ରପାଳ ଗିରି, ସୁମନ୍ତ ସାହୁ, ଅଶୋକ ହାତୀ, ତାପସ ରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ବେହେରାଙ୍କ ସଭାପତିତ୍ୱରେ କଲେଜ ପ୍ରତିଷ୍ଠାତା ସଦସ୍ୟ ବିରାଦୈତ୍ୟ ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ସାନନ୍ଦ ସାହୁ, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ହରିହର ସାହୁ, ଚିନ୍ତାମଣି ମିଶ୍ର ଅତିଥି ଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ବାଳିକା ବିଭାଗରେ ମୋହିନୀ ବରିହା ଓ ବାଳକ ବିଭାଗରେ ଗୁଲସନ ନାଏକ ଚାମ୍ପିୟନ ହୋଇଥିଲେ । ଗଗନ ବିହାରୀ ଡନସନା, ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ନାଗପୁରକୁ ହରାଇ ସେମିରେ କଣ୍ଟାବାଞ୍ଜି

ପାଇକମାଲ,୨୪।୧୨(ବଢ଼ ଶତପଥୀ)


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ ।

**ଛିନ୍ଦେଇକେଲା କପ୍ ଉଦ୍‌ଘାଟିତ**

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲାସ୍ଥିତ ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ୨୮ତମ ସର୍ବଭାରତୀୟ ସାଧୁଚରଣ ମେମୋରିଆଲ ଛିନ୍ଦେଇକେଲା କ୍ରିକେଟ କପ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ ଚେୟାରମ୍ୟାନ ଭାବନା ସିଂ ମୁଖ୍ୟ ଅତିଥି ଓ ଅଧ୍ୟାପକ ସୁନିଲ ସାହୁ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ସମାଜସେବୀ ଗୌତମ ସିଂ, ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ଲିପିକା ଟେଷ୍ଟ ପ୍ରୋପାଇଟର ସନ୍ତୋଷ କୁମାର ସାହୁ, ଛିନ୍ଦେଇକେଲା ସମିତି ସଭ୍ୟ ମହେନ୍ଦ୍ର ଭୋଇ ଓ ଝାରବନ୍ଧ ସରପଞ୍ଚ ପ୍ରତିନିଧି ବେଣୁଧର ଭୋଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ମ୍ୟାଚ୍ କଣ୍ଟାବାଞ୍ଜି ଓ ନାଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନାଗପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୪୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ପବନ ଚାନ୍ଦେଲ ୩୭, ପ୍ରିତେଶ ୨୪ ଓ ଆଶୁତୋଷ ସିଂ ୨୩ ରନ ସଂଗ୍ରହ କରିଥିଲେ । କଣ୍ଟାବାଞ୍ଜି ଦଳରୁ ଗୌରବ ରାଉତ ୩ ଉଇକେଟ, ବିଜୟ କୁମାର ଓ ନମନ ଖାଁ ୨ ଉଇକେଟ ଲେଖାଏଁ ନେଇଥିଲେ । କଣ୍ଟାବାଞ୍ଜି ଦଳ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି । ଓସିଏ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ବିଶ୍ୱକୁମାର ମହାକୁର ଖେଳ ପରିଚାଳନା କରିଥିଲେ । ପ୍ରମୋଦ ଦାସ, ବୁନିଲ ସାହୁ ସ୍କୋରର ଥିବାବେଳେ ପତିତପାବନ ସାହୁ ଓ ପ୍ରହଲ୍ଲାଦ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ପାଇକମାଳ ସାମ୍ବାଦିକ ସଂଘର ସୁରଥ କୁମାର ସାହୁ, ନିରୋଜ କୁମାର ପାଣି, ମାନସ ରଞ୍ଜନ ନାୟକ, କୁଞ୍ଜ ବିହାରୀ ସାହୁ, ଗିରୀଶ ଚନ୍ଦ୍ର ମାଝୀ, ଯୋଗେଶ ଅଗ୍ରୱାଲ, ଶିବା ସାହୁ ଓ ଶୁଭମ ସାହୁ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କଣ୍ଟାବାଞ୍ଜି ଦଳର ଅଧିନାୟକ ବିଜୟ କୁମାରକୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ପତିତପାବନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଚାଳନା କମିଟି ସଭାପତି ଜତୀନ ସାହୁ, ସମ୍ପାଦକ କାହ୍ନୁ ଚରଣ ସାହୁ, କୋଷାଧ୍ୟକ୍ଷ ମଣ୍ଟୁ ସାହୁ, ଉପଦେଷ୍ଟା ପ୍ରଶାନ୍ତ ସାହୁ, ଆନନ୍ଦ ସାହୁ, ସ୍ୱତନ୍ତ୍ର ସାହୁ, ଆକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ । ବୁଧବାର ପ୍ରୟାଗରାଜ ଓ ବଲାଙ୍ଗୀର ମଧ୍ୟରେ ମ୍ୟାଚ୍ ହେବ ବୋଲି ଉପଦେଷ୍ଟା ହେମସାଗର ସାହୁ ସୂଚନା ଦେଇଛନ୍ତି ।

# ନୀତିଶିକ୍ଷା, ନୈତିକତାକୁ ଗୁରୁତ୍ୱାରୋପ

**କୋଶଳ ସ୍କୁଲର ୪୫ତମ ବାର୍ଷିକୋତ୍ସବ**

ସରଣ୍ଡା, ୨୪।୧୨(ଯୁଧିଷ୍ଠିର ମହାପାତ୍ର)


ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ନୂଆଁ ଖଇରପାଲିସ୍ଥିତ କୋଶଳ ସ୍କୁଲର ୪୫ତମ ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି । ସ୍କୁଲର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱ ତଥା ଶିକ୍ଷୟିତ୍ରୀ ଗୋପାଳୀ ଚାଟାର୍ଜୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଭାଇସ ଚେୟାରମ୍ୟାନ ପୁଟା ରାମାରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ କାର୍ଯ୍ୟକାରୀ ସଦସ୍ୟ ପି. ସୁରୁବାବୁ, ଭି. ସତ୍ୟନାରାୟଣ ମୂର୍ତ୍ତି, କେ. ସୁନିତା, ଜି. ରଙ୍ଗା ରାଓ, ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ । ବର୍ତ୍ତମାନ ସମସ୍ତେ ଶତ ପ୍ରତିଶତ ମାର୍କ ରଖିବାରେ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ଏବେ ପ୍ରତିଯୋଗିତାକୁ ବେଶୀ ଗୁରୁତ୍ୱ ଦିଆଯାଉଛି । ଏତଦ୍ ବ୍ୟତୀତ ବର୍ତ୍ତମାନ ସମାଜରେ ନୈତିକତାର ଅଧୋଗତି ହେଉଥିବା ବେଳେ କୋଶଳ ବିଦ୍ୟାଳୟ ନୀତିଶିକ୍ଷା ତଥା ନୈତିକତାକୁ ଗୁରୁତ୍ୱ ଦେଇଆସୁଛି । ବିଦ୍ୟାଳୟ କହିଲେ କେବଳ ଶିକ୍ଷକ ଓ ଛାତ୍ରଙ୍କୁ ବୁଝାଏ ନାହିଁ ବରଂ ବିଦ୍ୟାଳୟକୁ ଛାତ୍ର ଶିକ୍ଷକ ଓ ଅଭିଭାବକମାନଙ୍କ ସମାହାର ବୋଲି କୁହାଯିବ । ଆମେ ବିଦ୍ୟାଳୟରେ ଛାତ୍ରମାନଙ୍କ ଚରିତ୍ର ଗଠନ ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରି ଭବିଷ୍ୟତ ବାଟ ଦେଖାଇପାରିବା ବୋଲି ଅଧ୍ୟକ୍ଷ ବେହେରା ତାଙ୍କ ଅଭିଭାଷଣରେ କହିଥିଲେ । ଏହି ଅବସରରେ ଦଶମ ବୋର୍ଡ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ଏମ୍ ସହାଶ୍ରା, ସୋହମ ସ୍ୱରୂପ ସାହୁ ଏବଂ ଏମ. ଗୋକୁଳ ଧୀରଜଙ୍କ ସମେତ ସମସ୍ତ ଶ୍ରେଣୀ ଟପ୍ପରଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଉପେନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସଂକ୍ଷେପରେ

### ଅଟୋ ଜାଳିଦେଲେ ଦୁର୍ବୃତ୍ତ

ରାଉରକେଲା,୨୪।୧୨(ଦିନେଶ ମିଶ୍ର) ଉଦିତନଗର ଥାନା ଅନ୍ତର୍ଗତ ଶୀତଳପଡା ବସ୍ତିର ଜଣେ ବ୍ୟକ୍ତିଙ୍କ ଅଟୋକୁ କେହି ଦୁର୍ବୃତ୍ତ ସୋମବାର ରାତିରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ରିପୋର୍ଟ ଲେଖିବା (ରାତି ସାଢ଼େ ୮ଟା) ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ସୂଚନା ଅନୁସାରେ, ଶୀତଳପଡା ବସ୍ତିର ନରେଶ ଯାଦବ (୩୮) ରାଉରକେଲା ସହରରେ ଅଟୋ ଚଳାଇ ପରିବାର ପୋଷନ୍ତି। ସବୁଦିନ ପରି ନରେଶ ସୋମବାର ସନ୍ଧ୍ୟାରେ ଅଟୋ ଚଳାଇ ରାତି ସାଢେ ୧୦ଟାରେ ଘରକୁ ଫେରିଥିଲେ। ଘର ସମ୍ମୁଖରେ ଅଟୋ ରଖି ଖାଇସାରି ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଅଟୋ ତେଲଟାଙ୍କିରେ ନିଆଁ ଲଗାଇ ଦେଇଥିଲେ। ସକାଳ ହେବାରୁ ନରେଶ ଅଟୋ ଧୋଇବା ପାଇଁ ଯିବାବେଳେ ଅଟୋଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

### ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରାଉରକେଲା,୨୪।୧୨(ଦିନେଶ ମିଶ୍ର): ରାଉରକେଲା ସେକ୍ଟର-୧୯ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲର ୧୩ତମ ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନ ଶିକ୍ଷକ ଜଳଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ କ୍ରୀଡା ଉତ୍ସବର ଉଦ୍‌ଯାପନୀ ଦିବସରେ ଆରଏସ୍‌ପି କ୍ରୀଡ଼ା ବିଭାଗ ଜିଏମ୍ ତରୁଣ ଜି. କାନେକର ଅତିଥି ଭାବେ ଯୋଗଦେଇ କହିଥବଲେ, କ୍ରୀଡ଼ା ଦ୍ୱାରା ମନରେ ସାହାସ, ଧୈର୍ଯ୍ୟ, ଶିଷ୍ଟାଚାର ଓ ନେତୃତ୍ୱର ବିକଶିତ ହୋଇଥାଏ। ହାରିବା ଜିତିବା ଖେଳର ଦୁଇପାର୍ଶ୍ୱ। ତାକୁ ଅଣଦେଖା କରି ଆଗ୍ରହର ସହ ଖେଳିବା ପାଇଁ କାନେକର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିବେକାନନ୍ଦ ଦାସ ଓ ସ୍କୁଲ ପରିଚାଳନା କମିଟି ସମ୍ପାଦକ ସସ୍ମିତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏହି କ୍ରୀଡା ଉତ୍ସବରେ ବିଭିନ୍ନ ବର୍ଗର ୫ ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୧୫ଟି ବିଭାଗରେ ଖେଳ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅଭିଭାବକମାନଙ୍କ ମଧ୍ୟରେ ଏକ ଦୌଡ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଜିତ ତନ୍ତୀ ଓ ଦେବୀ ସ୍ୱାଇଁ କ୍ରୀଡ଼ା ପରିଚାଳନା କରିଥିଲେ। ଛାତ୍ରୀ ଅରୁଣିମା ପୋଥାଲ ଓ ଛାତ୍ରୀ ତ୍ରିଲୋଚନ ଶାସନୀ ମଞ୍ଚ ପରିଚାଳନା କରିଥିଲେ। ସୁଜିତ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭେଣ୍ଡିଂ ଜୋନ୍‌ରେ ଦୋକାନ, ରାସ୍ତାକଡ଼ରେ ବ୍ୟବସାୟ

ରାଉରକେଲା,୨୪।୧୨(ଦିନେଶ ମିଶ୍ର)



କମିଶନରଙ୍କୁ ଦାବିପତ୍ର ଦେଇଥିବା ବ୍ୟବସାୟୀ।

■ ଦୋକାନକୁ ଭଡା ଓ ବିକ୍ରି କରି ଫୁଟପାଥ୍ ମୋହ ଛାଡୁନାହାନ୍ତି ବ୍ୟବସାୟୀ

■ ମାର୍କେଟ କମିଟି ପକ୍ଷରୁ କମିଶନରଙ୍କୁ ଦାବିପତ୍ର ପ୍ରଦାନ

ରାସ୍ତାକଡ଼ ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ଲାଗି ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆର୍‌ଏମ୍‌ସି) ପକ୍ଷରୁ ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି। କିନ୍ତୁ କେତେକ ବ୍ୟବସାୟୀ ଭେଣ୍ଡିଂ ଜୋନ୍‌ରେ ଦୋକାନ ପାଇବା ପରେ ମଧ୍ୟ ସେମାନଙ୍କର ରାସ୍ତାକଡ଼ ମୋହ ଛାଡୁନାହିଁ। ଫଳରେ ଭେଣ୍ଡିଂ ଜୋନ୍‌ରେ ଥିବା ଦୋକାନଗୁଡିକ ବନ୍ଦ ପଡିବା ସହ ପ୍ରକୃତ ହିତାଧିକାରୀ ଦୋକାନ ଖଣ୍ଡେ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଜେଲରୋଡ୍‌ସ୍ଥିତ ଗୋପବନ୍ଧୁ ଭେଣ୍ଡିଂ ଜୋନ୍‌ରେ ଏଭଳି ଦେଖିବାକୁ ମିଳିଛି।

୧୮ ମାସ ତଳେ ରାଉରକେଲାର ବିଭିନ୍ନ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ଆରଏମ୍‌ସି କର୍ତ୍ତୃପକ୍ଷ ଏଠାରେ ଲକ୍ଷାଧିକ ଟଙ୍କା ବ୍ୟୟ କରି ଭେଣ୍ଡିଂ ଜୋନ୍ ନିର୍ମାଣ କରିଥିଲେ। ପରେ ଏହି ଭେଣ୍ଡିଂ ଜୋନ୍‌ରେ ୬୭ ଦୋକାନ ସମେତ ପିଣ୍ଡି ଓ ଖୋଲାଜାଗାରେ ମୋଟ ୧୩୨ ଜଣ ବ୍ୟବସାୟୀଙ୍କୁ ଥଇଥାନ କରାଯାଇଥିଲା। କିନ୍ତୁ କେତେଜଣ ବ୍ୟବସାୟୀ ଏହି ଭେଣ୍ଡିଂଜୋନ୍‌ରେ ଦୋକାନ ପାଇବା ପରେ ଏହାକୁ ନ ଖୋଲି ପୂର୍ବଭଳି ରାସ୍ତାକଡ଼ରେ ଆର୍‌ଏସ୍‌ପିର ଖୋଲା ଜାଗାରେ ବ୍ୟବସାୟ ଜାରି ରଖିଛନ୍ତି। ଫଳରେ ଉକ୍ତ ରାସ୍ତାରେ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଆରଏମ୍‌ସି କର୍ତ୍ତୃପକ୍ଷ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନରେ ବ୍ୟବସାୟ କରିବା ପାଇଁ ଜାଗା ଦେଇଥିଲେ ମଧ୍ୟ ସେମାନେ ଆରଏମ୍‌ସିର କଥାକୁ ଅଣଦେଖା କରି ରାସ୍ତାକଡ଼ରେ ନିଜର ବ୍ୟବସାୟ ଜାରି ରଖିଛନ୍ତି। ରାସ୍ତାକଡ଼ରେ ଆସାଧୁ ବ୍ୟବସାୟୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। କିଛି ପ୍ରଭାବଶାଳୀ ସ୍ଥାନୀୟ ରାଜନେତା ରାସ୍ତାକଡ଼ରେ ଠେଲା ବ୍ୟବସାୟ କରିବା ଲାଗି ପ୍ରୋତ୍ସାହନ ଦେଉଥିବା ଭେଣ୍ଡିଂ ଜୋନ୍‌ର ସମ୍ପାଦକ କହରା ଜେନା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏହି ରାସ୍ତାକଡ଼ ବେଆଇନ ଉଠା ଦୋକାନୀମାନେ ଭେଣ୍ଡିଂ ଜୋନ୍‌ରେ ଦୋକାନ ପାଇଥିଲେ ମଧ୍ୟ ଏହି ଦୋକାନଗୁଡିକୁ ନ ଖୋଲି ଭଡ଼ା ସୂତ୍ରରେ ଦେଇ ନିଜେ ରାସ୍ତାକଡରେ ବ୍ୟବସାୟ କରୁଛନ୍ତି। ସେହିପରି ଆଉ କେତେଜଣ ବ୍ୟବସାୟୀ ଅଧିକ ଅର୍ଥ ପାଇବା ଲାଳସାରେ ଭେଣ୍ଡିଂ ଜୋନ୍‌ରେ ପାଇଥିବା ଦୋକାନକୁ ଅନ୍ୟକୁ ବିକ୍ରି କରି ଦେଉଥିବା ଅଭିଯୋଗ ହୋଇଛି।

ଗୋପବନ୍ଧୁ ମାର୍କେଟ ଭେଣ୍ଡିଂ ଜୋନ୍‌ରେ ଏକାଧିକ ଦୋକାନ ବର୍ତ୍ତମାନ ବନ୍ଦ ପଡିଥିବାବେଳେ ଏଠାରେ ଅପରାଧମୂଳକ କାର୍ଯ୍ୟ ସାଙ୍ଗକୁ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ଯଦି ଆଗାମୀ ଦିନରେ ଏହି ମାର୍କେଟ ସମ୍ମୁଖ ରାସ୍ତାକଡ଼ ବ୍ୟବସାୟୀ ନିଜ ଦେକାନକୁ ନ ଆସିବେ ତେବେ ଆର୍‌ଏମ୍‌ସି ସମ୍ମୁଖରେ ଗୋପବନ୍ଧୁ ଭେଣ୍ଡିଂ ଜୋନ୍‌ର ବ୍ୟବସାୟୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ରାସ୍ତାକଡ଼ ଠେଲା ବ୍ୟବସାୟୀଙ୍କ କାରବାର ଯୋଗୁ ଭେଣ୍ଡିଂ ଜୋନ ମାର୍କେଟର ବ୍ୟବସାୟ ଉପରେ କୁପ୍ରଭାବ ପଡୁଥିବା ନେଇ ମଙ୍ଗଳବାର ଗୋପବନ୍ଧୁ ଭେଣ୍ଡିଂ ଜୋନ୍‌ର କିଛି ବ୍ୟବସାୟୀ ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ କମିଶନର କୁଲକର୍ଣ୍ଣି ଆଗାମୀ ୭ ଦିନ ଭିତରେ ଉକ୍ତ ସମସ୍ୟାର ସମାଧାନ କରିବା ଲାଗି ଭେଣ୍ଡିଂ ଜୋନ ଦୋକାନୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ସ୍ମାରକପତ୍ର ପ୍ରଦାନ



ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୪।୧୨(ବିପ୍ଳବ ରଞ୍ଜନ ଦାଶ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଡ଼କରଙ୍କ ଉପରେ ରଖିଥିବା ମନ୍ତବ୍ୟକୁ ବିରୋଧ କରାଯାଇଛି। ଏଥିସହ ରାଉରକେଲା ଏସ୍‌ସି/ଏସ୍‌ଟି ଆଇନଜୀବୀ ସଂଘ ଓ ଏସ୍‌ସି/ଏସ୍‌ଟି, ଓବିସି ମାଇନୋରିଟି ଜଏଣ୍ଟ ଆକ୍ସନ କମିଟି ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅମିତ ଶାହାଙ୍କୁ କେନ୍ଦ୍ର କ୍ୟାବିନେଟରୁ ବହିଷ୍କୃତ କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ଆଜିର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଉଭୟ କମିଟି ସଂଯୋଜକ ପୁରୁଷୋତ୍ତମ କୁମାର, ରାଷ୍ଟ୍ରୀୟ ବୌଦ୍ଧ ମହାସଂଘ ସାଂସ୍କୃତିକ ପରିଷଦ ସଦସ୍ୟ ବିଶ୍ୱକର୍ମା ବାଘ ଏବଂ ମନୀଷ ରାଉତ, ଥୋମାସ ଟପ୍ପୋ, ପବିତ୍ର ତିର୍କୀ, ଡମ୍ବରୁ ସାଗର, ସନ୍ତୋଷ ସାଗର, ରଥୁ ତାଣ୍ଡି ଓ ନରେଶ ବେହେରା ପ୍ରମୁଖ।

# ସରକାର ଚାହିଁଲେ ବାଣିଜ୍ୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବ




ଖବରଦାତା ସମ୍ମିଳନୀରେ ରାଉରକେଲା ଚ୍ୟାମ୍ବର ଅଫ କମର୍ସ କର୍ମକର୍ତ୍ତା।

ରାଉରକେଲା,୨୪।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ ଗତ ୨୦ତାରିଖରୁ ୩ଦିନ ବ୍ୟାପୀ ବାଣିଜ୍ୟ ଉଦ୍ୟୋଗ-୨୦୨୪ ଅନୁଷ୍ଠିତ ହୋଇଥିଲା। ଏହା ରାଉରକେଲା ସହର ପାଇଁ ବାଣିଜ୍ୟଗତ ଉଦ୍ୟମତା, ଲଘୁ ଏବଂ କ୍ଷୁଦ୍ର ବ୍ୟବସାୟିକ କ୍ଷେତ୍ରରେ ସୃଷ୍ଟି ହୋଇଥିବା ବିଭିନ୍ନ ସୁଯୋଗ ଉପରେ ପର୍ଯ୍ୟବେସିତ ଥିଲା। ଏହାକୁ ନେଇ ମଙ୍ଗଳବାର ଚ୍ୟାମ୍ବର ଅଫ୍ କମର୍ସ ସମ୍ମିଳନୀ ସଭା ଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଚ୍ୟାମ୍ବର ଅଫ୍ କମର୍ସ ସଭାପତି ପ୍ରଭାତ ଟେବ୍ରିୱାଲ କହିଥିଲେ, ଏହି ସମ୍ମେଳନ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ରାଉରକେଲା ସହରରେ ନବୀନତା ସୃଷ୍ଟି କରିବା, ବ୍ୟବସାୟୀମାନଙ୍କ ମଧ୍ୟରେ ସହଭାଗିତା ଏବଂ ସହରର ଆର୍ଥିକ ଅଭିବୃଦ୍ଧିକୁ ବିକଶିତ କରିବାକୁ ଉଦ୍ଦିଷ୍ଟ ଥିଲା ଯାହାକି ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଛି। ସମ୍ମେଳନରେ ଶିଳ୍ପ ମନ୍ତ୍ରୀ, ମତ୍ସ୍ୟ ସମ୍ପଦ ମନ୍ତ୍ରୀ ଯୋଗଦାନ କରି ରାଉରକେଲା ସହରର ବାଣିଜ୍ୟ, ଲଘୁ ଓ କ୍ଷୁଦ୍ର ଉଦ୍ୟୋଗୀ ସହ ଯୁବବର୍ଗଙ୍କୁ ବାଣିଜ୍ୟ ଉଦ୍ୟୋଗ କ୍ଷେତ୍ରରେ ମନୋନିବେଶ ପାଇଁ କରିଥିବା ଆହ୍ୱାନ ଶିଳ୍ପକ୍ଷେତ୍ରକୁ ବଳ ଯୋଗାଇଛି। ଏଥିସହ ସମ୍ମେଳନରେ ଆୟୋଜିତ ମହିଳା ସଶକ୍ତୀକରଣ ଅଧିବେଶନରେ ଅଂଶଗ୍ରହଣ କରିଥିବା ମହିଳା ଉଦ୍ୟୋଗୀ ନିଜ ଉଦ୍ୟୋଗ ମାଧ୍ୟମରେ ରାଉରକେଲା ସହରରେ ସମ୍ଭାବ୍ୟ ବାଣିଜ୍ୟ ଓ ବ୍ୟବସାୟ ଉପରେ ବିବରଣୀ ପ୍ରଦାନ କରି ସହରର ମହିଳା ଉଦ୍ୟୋଗୀଙ୍କ ପାଇଁ ନୂତନ ସୁଯୋଗର ବାଟକୁ ପ୍ରଶସ୍ତ କରିଥିଲେ। ସେହିପରି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଏବଂ ଓଡିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ରାଉରକେଲା ସହର ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ରାଜ୍ୟର ଏକ ପ୍ରମୁଖ ମୁଖଶାଳା ସଦୃଶ ବୋଲି ଉଲ୍ଲେଖ କରିବା ଆଦିବାସୀ ଶିକ୍ଷିତ ବର୍ଗଙ୍କୁ ବ୍ୟବସାୟିକ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବାର ଆଶାକୁ ଉଜ୍ଜୀବିତ କରିଥିଲା। ତେବେ ପ୍ରଶାସନିକ ଆନ୍ତରିକତା ଓ ସରକାରଙ୍କ ହସ୍ତକ୍ଷେପ ବିନା ରାଉରକେଲା ସହରର ବାଣିଜ୍ୟ ଓ ଉଦ୍ୟୋଗ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ଅସମ୍ଭବ। ଏଣୁ ଆଗକୁ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ ଏ ନେଇ ଉଭୟ ପ୍ରଶାସନ ଓ ସରକାରଙ୍କ ସହିତ ବିଚାର ବିମର୍ଶ କରାଯିବ ବୋଲି ସଭାପତି ଟେବ୍ରିୱାଲ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ କମର୍ସର ଉପାଧ୍ୟକ୍ଷ ବିଶ୍ୱନାଥ ଦେ, ସନ୍ତୋଷ ଅଗ୍ରୱାଲ, ମନୀଷ ମୋଦୀ, ପବନ ଅଗ୍ରୱାଲ ଓ ରୋହିତ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧୁକ ଦେଖାଇ ଟ୍ରାନ୍ସପୋର୍ଟ କର୍ମଚାରୀଙ୍କଠୁ ଲୁଟ୍

ରାଉରକେଲା,୨୪।୧୨(ଦିନେଶ ମିଶ୍ର): ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ରାଉରକେଲା ଶିଳ୍ପାଞ୍ଚଳ ରାସ୍ତାରେ ମଙ୍ଗଳବାର ଏକ ଟ୍ରାନ୍ସପୋର୍ଟ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୬୯୮/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବନ୍ଧମୁଣ୍ଡା ଅଞ୍ଚଳର ଶିବ ଶଙ୍କର ତନ୍ତୀ(୩୮) ରାଉରକେଲା ଶିଳ୍ପାଞ୍ଚଳରେ ଥିବା ଏନ୍ସଟେକ୍ସ ଟ୍ରାନ୍ସପୋର୍ଟେଶନ୍ ସର୍ଭିସେସ୍ କାର୍ଯ୍ୟାଳୟରେ ଆକାଉଟାଣ୍ଟ କାର୍ଯ୍ୟ କରନ୍ତି। ସେ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ନିଜ କାର୍ଯ୍ୟାଳୟରୁ ଏକ ବ୍ୟାଗ୍‌ରେ ୫ଲକ୍ଷ ୮୫ ହଜାର ଟଙ୍କା ନେଇ ବ୍ୟାଙ୍କରେ ଡିପୋଜିଟ୍ କରିବାକୁ ଯାଉଥିଲେ। ଏହି ସମୟରେ ଶିଳ୍ପାଞ୍ଚଳ ପୁରୁଣା ଭିଜିଲାନ୍ସ କାର୍ଯ୍ୟାଳୟ ରାସ୍ତାରେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ବନ୍ଧୁକ ଦେଖାଇ ଟଙ୍କା ବ୍ୟାଗ୍ ଛଡାଇ ନେଇଥିଲେ। ଦୁର୍ବୃତ୍ତମାନେ ମୁହଁରେ କପଡା ବାନ୍ଧିଥିଲେ। ଏ ନେଇ ଶିବଶଙ୍କର ରଘୁନାଥପାଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ତେବେ ଲୁଟେରାଙ୍କୁ ଧରିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରୁଥିବା ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି।

# ସିପିଆଇଏମ୍‌ର ବିକ୍ଷୋଭ ପ୍ରଦର୍ଶନ




ଆମ୍ବେଡକର ଛକରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୪।୧୨(ଦିନେଶ ମିଶ୍ର)

**ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି**

ରାଜ୍ୟସଭାରେ ଚାଲିଥିବା ବିତର୍କରେ ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟ ଅତ୍ୟନ୍ତ ଅପମାନ ଜନକ ଓ ରୁଚିହୀନ। ଏହି ମନ୍ତବ୍ୟ ସାରା ଦେଶର ସାଧାରଣ ଜନତାଙ୍କୁ ଆଘାତ ଦେଇଛି। ଆମ୍ବେଡ଼କର ହେଉଛନ୍ତି ଭାରତ ସମ୍ବିଧାନର ରୂପକାର। ସମ୍ବିଧାନ ସମ୍ପର୍କରେ ଆଲୋଚନା କଲାବେଳେ ତାଙ୍କ ପ୍ରତି ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଅରୁଚିକର ମନ୍ତବ୍ୟ ଦେବା ତାଙ୍କର, ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ମନୁବାଦୀ ମାନସିକତା ଓ ଦୃଷ୍ଟିକୋଣକୁ ପଦାରେ ପକାଇଛି। ଏହାର ପ୍ରତିବାଦ କରି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ମଙ୍ଗଳବାର ସିପିଆଇଏମ୍ ଦେଶବ୍ୟାପୀ ବିରୋଧ ଓ ପ୍ରତିବାଦ କରିଥିଲା ବେଳେ ପାର୍ଟିର ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ରାଉରକେଲା ଉଦିତନଗର ଆମ୍ବେଡ଼କର ଛକରେ ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ୍ ସୁନ୍ଦରଗଡ଼ ଜିଲା କମିଟି ସମ୍ପାଦକ ପ୍ରମୋଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ବଣାଇ ବିଧାୟକ ତଥା ରାଜ୍ୟ କମିଟି ସଦସ୍ୟ ଲକ୍ଷ୍ମଣ ମୁଣ୍ଡା, ଜିଲା ପରିଷଦ ସଦସ୍ୟା ସୁଶୀଳା ମୁଣ୍ଡା, ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ଜିଲା କମିଟି ସଦସ୍ୟ ପ୍ରଭାତ ପଣ୍ଡା, ହୃଦୟାନନ୍ଦ ଯାଦବ, ବି. ପି. ମହାପାତ୍ର, ବସନ୍ତ ନାୟକ, ତାଜମୁନ ନେହାର ପ୍ରମୁଖ ଯୋଗଦେଇ ଅମିତ ଶାହାଙ୍କୁ ସୁରକ୍ଷା ଦେବାକୁ ଆସି ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ଅମିତ ଶାହାଙ୍କର ମନ୍ତ୍ରୀ ପଦରେ ରହିବାର ନୈତିକ ଅଧିକାର ନାହିଁ, ତେଣୁ ସେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ନେତୃମଣ୍ଡଳୀ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅରୁ ଦାସ, ବିନୟ ବେହୁରିଆ, ଉପେନ୍ଦ୍ର ତ୍ରିପାଠୀ, ସସ୍ମିତ ସ୍ୱାଇଁ, ସି. ଦିବାକର ରାଓଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।




ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ରାଉରକେଲା,୨୪।୧୨(ବିପ୍ଳବ ରଞ୍ଜନ ଦାଶ)

ପାନପୋଷ ସ୍ଥିତ ସରକାରୀ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପିକା ମମତା ବାକ୍ସଲାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୋଟ ୧୫ଟି କାର୍ଯ୍ୟ ଦିବସ ପାଇଁ ହୋଇଥିବା ଏହି ଶିବିର ମାଧ୍ୟମରେ ଯୁକ୍ତ ୨ ବର୍ଗର ଛାତ୍ରୀମାନେ ଉପକୃତ ହୋଇଥିଲେ। ଏହି ଶିବିରକୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ ଓସେପା ପକ୍ଷରୁ ନିଯୁକ୍ତ ପ୍ରଶିକ୍ଷିକା ଦୁଲାରି ମୁଣ୍ଡାରି ଓ ମହିମା ସୁନ୍ଦରୀ ମଲ୍ଲିକ ପରିଚାଳନା କରିବା ସହ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଦିବସ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରା ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ସୁସ୍ମିତା ସାମଲ, ଅଧ୍ୟାପିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ର, ପି. ସୋନାଲି ମୌସୁମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ ଧ୍ୟାନଯୋଗ କର୍ମଶାଳା

ରାଉରକେଲା,୨୪।୧୨(ବିପ୍ଳବ ରଞ୍ଜନ ଦାଶ)

ପ୍ରଥମ ଧ୍ୟାନ ଦିବସ ପାଳନ ଉପଲକ୍ଷେ ଆରଏସ୍‌ପିର ଜ୍ଞାନାର୍ଜନ ବିକାଶ ଏବଂ ବିକାଶ ବିଭାଗରେ ଏକ ଧ୍ୟାନଯୋଗ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର କାର୍ଯ୍ୟ ବିଭାଗ ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି, ବୈଦିକ ସଂସ୍ଥାନର ନିର୍ଦ୍ଦେଶକ ତଥା ଆର୍ଟ ଅଫ୍ ଲିଭିଂର ବରିଷ୍ଠ ଅଧ୍ୟାପକ ସ୍ୱାମୀ ଭାସ୍କରାନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଅପରେଶନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଆର୍. ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡ. ଜେ. କେ. ଆଚାର୍ଯ୍ୟଙ୍କ ସମେତ ଅନେକ ସିଜିଏମ, ବିଭାଗୀୟ ମୁଖ୍ୟ ତଥା ପ୍ରାୟ ୩ଶହ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ୧୯୩ ସଦସ୍ୟ ବିଶିଷ୍ଟ ମିଳିତ ଜାତିସଂଘ ସାଧାରଣ ସଭାରେ ସର୍ବସମ୍ମତି କ୍ରମେ ଡିସେମ୍ବର ୨୧ତାରିଖକୁ ବିଶ୍ୱ ଧ୍ୟାନ ଦିବସ ଭାବେ ଘୋଷଣା କରାଯାଇଥିଲା। କର୍ମଶାଳାରେ ମୁଖ୍ୟବକ୍ତା ସ୍ୱାମୀ ଭାସ୍କରାନନ୍ଦ କହିଥିଲେ, ଯେପରି ଆମ ଶରୀର ପାଇଁ ଖାଦ୍ୟ ଆବଶ୍ୟକ, ସେହିଭଳି ଆମ ମନ ପାଇଁ ମଧ୍ୟ ଧ୍ୟାନ ଜରୁରୀ। ଧ୍ୟାନ କିମ୍ବା ପ୍ରାଣାୟାମ ନୂଆ କଥା ନୁହେଁ, ଏଗୁଡିକ ଆଗରୁ ମଧ୍ୟ ଆମ ପୁରାଣରେ ବିଦ୍ୟମାନ ଥିଲା। ଜାତିସଂଘ ନିକଟରେ ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ଏହି ଦିନକୁ ଧ୍ୟାନ ଦିବସ ଭାବେ ଘୋଷଣା କରିଛି। ଏହି କ୍ରମରେ ସ୍ୱାମୀଜୀ ଉପସ୍ଥିତ ବ୍ୟକ୍ତିଙ୍କ ପାଇଁ ଏକ ବିଶେଷ ଧ୍ୟାନ ଅଧିବେଶନ ମଧ୍ୟ କରାଇଥିଲେ। ଅଧିବେଶନ ସମୟରେ ୨୨ମିନିଟ ନୀରବ ଧ୍ୟାନ କରାଯାଇଥିଲା। ଧ୍ୟାନ ପରେ ଆଲୋକ ବର୍ମା କହିଥିଲେ, ଏହା ଏକ ସଫଳ ଅଧିବେଶନ ଥିଲା। ଆମେ ଜୀବନରେ ଅନେକ ଉତ୍ଥାନ ପତନ ଦେଇ ଗତି କରୁ ଏବଂ ନିଷ୍ପତ୍ତି ନେବାକୁ ଆମକୁ ଅନେକ ବିଷୟରେ ଚିନ୍ତନ କରିବାକୁ ହୁଏ। ଧ୍ୟାନ ସେହି ଚିନ୍ତନକୁ ପ୍ରକ୍ରିୟାକରଣ କରିବାରେ ସାହାଯ୍ୟ କରିଥାଏ। ଏହି ଅବସରରେ ବର୍ମା ଅତିଥି ବକ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏମ୍‌ଏସ୍ ଏଣ୍ଡ ଏଚ୍‌ଆର ଏଲ୍‌ଏଣ୍ଡଡି ବିଭାଗ ସିଜିଏମ୍ ପି. କେ. ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏଚ୍‌ଆର ଏଲ୍‌ଏଣ୍ଡଡି ବିଭାଗ ସିନିୟର ମ୍ୟାନେଜର ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଧ୍ୟାନ କର୍ମଶାଳାରେ ଆରଏସ୍‌ପି ଅଧିକାରୀ ଓ କର୍ମଚାରୀ।

# ବାଇକ୍ ଷ୍ଟାଣ୍ଡ ଟେଣ୍ଡରକୁ ନେଇ ଅସନ୍ତୋଷ

ରାଉରକେଲା,୨୪।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ଡାକ୍ତରଖାନାରେ ବାଇକ୍ ଷ୍ଟାଣ୍ଡ ଟେଣ୍ଡରକୁ ନେଇ ବିବାଦ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ବାଇକ୍ ଷ୍ଟାଣ୍ଡକୁ ଗୋଟିଏ ଏସ୍‌ଏଚ୍‌ଜିର ମହିଳାମାନେ ଟେଣ୍ଡର ନେଇ ଚଳାଉଥିବା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ପୁଣି ନୂଆ ଟେଣ୍ଡର ଆହ୍ୱାନ କରିଛନ୍ତି। ଏହି ଟେଣ୍ଡରରେ ଷ୍ଟାଣ୍ଡର ଦରବୃଦ୍ଧି କରାଯାଇଥିବାରୁ ସମ୍ପୃକ୍ତ ଏସ୍‌ଏଚ୍‌ଜି ମହିଳାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କୁ ବିନା ନୋଟିସରେ ନୂଆ ଟେଣ୍ଡର ଆହ୍ୱାନ କରାଯିବା ବେଆଇନ ବୋଲି ଏସ୍‌ଏଚ୍‌ଜି ପକ୍ଷରୁ ଅଭିଯୋଗ କରାଯାଇଛି।

୫ଶହ ଶଯ୍ୟା ବିଶିଷ୍ଟ ଆର୍‌ଜିଏଚ୍‌ରେ ପ୍ରତିଦିନ ୫ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କର ଚିକିତ୍ସା କରାଯାଉଛି। ଦୁଇଚକିଆ ସମେତ ବିଭିନ୍ନ ଯାନବାହନ ଯୋଗେ ରୋଗୀମାନଙ୍କୁ ଆରଜିଏଚ୍‌କୁ ଅଣାଯାଇଥାଏ। ଦୁଇଚକିଆ ଯାନ ରଖିବା ଲାଗି ଦୀର୍ଘବର୍ଷରୁ ହସ୍ପିଟାଲ ପ୍ରବେଶ ଦ୍ୱାରରେ ଏକ ବାଇକ୍ ଷ୍ଟାଣ୍ଡକୁ ଟେଣ୍ଡର ମାଧ୍ୟମରେ ମହିଳା ଏସ୍‌ଏଚ୍‌ଜିକୁ ପ୍ରଦାନ କରାଯାଇଥିଲା।



ଆର୍‌ଜିଏଚ୍ ପ୍ରବେଶ ଦ୍ୱାରରେ ଥିବା ବାଇକ୍ ଷ୍ଟାଣ୍ଡ।

**ରାଉରକେଲା ସରକାରୀ ଡାକ୍ତରଖାନା**

ଏଭଳି ଭାବେ ଗତ ୩ବର୍ଷ ହେଲା ମାଁ ବୈଷ୍ଣୋଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ବାଇକ୍ ଷ୍ଟାଣ୍ଡକୁ ଚଳାଇଆସୁଥିଲା। ଟେଣ୍ଡର ଅନୁସାରେ ଉକ୍ତ ଏସ୍‌ଏଚ୍‌ଜି ଏଥିପାଇଁ ମାସିକ ୧୫ହଜାର ଟଙ୍କା ଆରଜିଏଚ୍‌କୁ ପ୍ରଦାନ କରୁଥିଲା। ମାତ୍ର ଚଳିତ ମାସରେ ନୂତନ ଟେଣ୍ଡର ଆହ୍ୱାନ କରାଯାଇଥିବାବେଳେ ମାସିକ ୧୫ରୁ ୨୧ହଜାର ଟଙ୍କାକୁ ବର୍ଦ୍ଧିତ କରାଯାଇଛି। ଫଳରେ ଷ୍ଟାଣ୍ଡ ପରିଚାଳନା କରୁଥିବା ଏସ୍‌ଏଚ୍‌ଜି ମହିଳାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ଉକ୍ତ ଏସ୍‌ଏଚ୍‌ଜି ନିକଟକୁ ଏ ନେଇ ଆରଜିଏଚ୍ ପକ୍ଷରୁ ଗତ ୪ତାରିଖରେ ଏକ ନୋଟିସ କରାଯାଇଛି। ନୋଟିସରେ ୨୧ହଜାର ବର୍ଦ୍ଧିତ ରାଶି ସହ ବକେୟା ଦେୟ ପ୍ରଦାନ କରିବାକୁ ସୂଚିତ କରାଯାଇଛି।

ଅପରପକ୍ଷେ ଗତ ୧ବର୍ଷ ହେଲା ବିନା ଟେଣ୍ଡରରେ ବାଇକ୍ ଷ୍ଟାଣ୍ଡ ଚାଲିଥିଲା। ଏହାସତ୍ତ୍ୱେ ସେମାନେ ମାସିକ ୧୫ହଜାର ଟଙ୍କା ନିୟମିତ ଟିକସ ଦେଇ ଆସୁଥିଲେ। ପୂର୍ବ ଟେଣ୍ଡର ମୁତାବକ ଟିକସ ପ୍ରଦାନ ସତ୍ତ୍ୱେ ଆମକୁ ନ ଜଣାଇ ନୂତନ ଟେଣ୍ଡର ଆହ୍ୱାନ କରିବା ଉଚିତ ହୋଇନାହିଁ। ଏବେ ଯଦି ଏଥିରୁ ଆମକୁ ନିବୃତ୍ତ କରାଯାଏ ତେବେ ଆମେ ଆବଶ୍ୟକ ସ୍ଥଳେ କୋର୍ଟର ଦ୍ୱାରସ୍ଥ ହେବୁ ବୋଲି ବୈଷ୍ଣୋଦେବୀ ଏସ୍‌ଏଚ୍‌ଜି ସଭାନେତ୍ରୀ ଲିନାରାଣୀ ନାୟକ କହିଛନ୍ତି। ଏ ନେଇ ରାଉରକେଲା ସରକାରୀ ଡାକ୍ତରଖାନା ନିର୍ଦ୍ଦେଶକ ଡକ୍ଟର ମନୋଜ ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଜିଏଚ୍‌ରେ ଥିବା ଦୁଇଚକିଆ ଯାନ ଷ୍ଟାଣ୍ଡକୁ ପରିଚାଳନା କରୁଥିବା ଏସ୍‌ଏଚ୍‌ଜିକୁ ଆମେ ନୋଟିସ କରିଛୁ। ଏଥିସହିତ ବର୍ଦ୍ଧିତ ଟିକସ ଦେୟ ନୋଟିସ ମଧ୍ୟ ପ୍ରଦାନ କରିଛୁ। ଯଦି ନୋଟିସ ମୁତାବକ ଉକ୍ତ ଏସ୍‌ଏଚ୍‌ଜି ଦେୟ ପ୍ରଦାନ ନ କରେ ତେବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପାଧ୍ୟାୟ କହିଥିଲେ।

**ତାଲିମ ନେଲେ ମହିଳା ଛତୁ ଚାଷୀ**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ସମ୍ବଲପୁର ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ମହିଳା ଛତୁ ଚାଷୀମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସଦର ବନାଞ୍ଚଳର ବାରସିଂହଗଡ ଓ ମୁଣ୍ଡେର ବନସୁରକ୍ଷା ସମିତିରେ ଶିବିର ଆୟୋଜନ କରାଯାଇଥିଲା। ଦଳପତି ପଙ୍କଜିନୀ ସାହୁ, କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଉନ୍ନୟନ ଅଧିକାରୀ ବେଦବ୍ୟାସ ସାହୁ, ଦେବେନ୍ଦ୍ର ନାୟକ, ମୁଣ୍ଡରେ ବନସୁରକ୍ଷା ସମିତି ସଭାପତି ଗୌର ସିକା, ବନ ସହାୟିକା ପ୍ରଗତି ଦେହୁରୀ ଓ କଲ୍ୟାଣୀ ଠେଠୁଆର ଉପସ୍ଥିତ ଥିଲେ। ବନସୁରକ୍ଷା ସମିତି ସଭାନେତ୍ରୀ ପଙ୍କଜିନୀ ସାହୁ, ଉନ୍ନୟନ ଅଧିକାରୀ ବେଦବ୍ୟାସ ସାହୁ ତାଲିମ ପ୍ରଦାନ କରିଥିଲେ।

# ପଟ୍ଟା ମିଳିଛି, ଦଖଲ ମିଳୁନି

- ୧୦ବର୍ଷ ତଳେ ପଟ୍ଟା ଦେଇଥିଲା ପ୍ରଶାସନ
- ୨୩ ହିତାଧିକାରୀ ଅଭିଯୋଗ କରି ନୟାନ୍ତ
- ଜମି ଚିହ୍ନଟ କରାଯାଇଛି, ଦଖଲ ଦିଆଯିବ: ତହସିଲଦାର

ନାକଟିଦେଉଳ,୨୪।୧୨(ବୈକୁଣ୍ଠନାଥ ସାହୁ)

୧୦ବର୍ଷ ତଳେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ଗ୍ରାମର ୨୩ଜଣ ଭୂମିହୀନଙ୍କୁ ପ୍ରଶାସନ ଘରବାରି ପଟ୍ଟା ପ୍ରଦାନ କରିଥିଲା। ଏହି ଜମିରେ ଘର କରି ସେମାନେ ବସବାସ କରିବାର ଆଶା ଦେଖିଥିଲେ। ହେଲେ ଇତ୍ୟବସରରେ ୧୦ବର୍ଷ ବିତି ଯାଇଥିଲେ ବି ସେମାନେ ଆବଣ୍ଟିତ ଜମିକୁ ହାସଲ କରି ପାରି ନାହାହାନ୍ତି। ବିଭିନ୍ନ ସମୟରେ ରାଜସ୍ୱ ପ୍ରଶାସନକୁ ଏ ନେଇ ଆପତ୍ତି କଲେ ବି କର୍ଣ୍ଣପାତ କରାଯାଉନାହିଁ। ଫଳସ୍ୱରୂପ ସେମାନଙ୍କୁ ଆବଣ୍ଟିତ ଜମି ଏବେ ଜବରଦଖଲକୁ ଚାଲି ଯାଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ ନାକଟିଦେଉଳ ତହସିଲ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ଗ୍ରାମର ୨୩ଜଣ ଭୂମିହୀନଙ୍କୁ ୨୦୧୪ ମସିହାରେ ବାସପଯୋଗୀ ଜମି ଯୋଗାଇ ଦିଆଯାଇଥିଲା। ତ୍ରିବେଣୀ ସାହୁଙ୍କୁ ୧୦ଡ଼େସିମିଲ, ଗୀତାରାଣୀ ମେହେର ୮ ଡ଼େସିମିଲ, ଧବଳେଶ୍ୱର ସେଠ ୮ ଡ଼େସିମିଲ, ହେମନ୍ତ କୁମାର ଅଦାବର ୮ଡ଼େସିମିଲ, ପାହାନ୍ତିମୁଣ୍ଡା ୪ଡ଼େସିମିଲ, ଜୟନ୍ତୀ ସାହୁ ୪ଡ଼େସିମିଲ, ସଞ୍ଜୁଲତା ସାହୁ ୪ଡ଼େସିମିଲ, ସସ୍ମିତା ପୁଲେଇ ୪ଡ଼େସିମିଲ, ହଟିଆ ନାଏକ ୧୦ଡ଼େସିମିଲ, ଉଜଳା ମୁଣ୍ଡା ୪ଡ଼େସିମିଲ, ପ୍ରଭାସିନୀ ପ୍ରଧାନ ୪ଡ଼େସିମିଲ, ସୁମିତ୍ରା ବେହେରା ୧୦ଡ଼େସିମିଲ, ତପୋଇ ମୁଣ୍ଡା ୪ ଡ଼େସିମିଲ, ତିଲୋତ୍ତମା ବେହେରା ୪ ଡ଼େସିମିଲ ଏବଂ ଉମା ବେହେରାଙ୍କୁ ୮ ଡ଼େସିମିଲ ଘରବାରି ପଟ୍ଟା ପ୍ରଦାନ କରାଯାଇଥିଲା। ଏତେ ବର୍ଷ ପରେ ବି ଜମି ଚିହ୍ନଟ ଓ ଦଖଲ ଦିଆ ନ ଯିବାରୁ ହିତାଧିକାରୀମାନେ ହଇରାଣର ସମ୍ମୁଖୀନ ହେଉଛନ୍ତି। ଏଥିମଧ୍ୟରୁ ଅଧିକାଂଶ ହିତାଧିକାରୀ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ହେଁ ଘରବାରି ନ ଥିବାରୁ ଘର ନିର୍ମାଣ କରିବାରୁ ବଞ୍ଚିତ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଜମିଚିହ୍ନଟ କରି ସେମାନଙ୍କୁ ଦଖଲ ଦେବାକୁ ସମ୍ପୃକ୍ତ ହିତାଧିକାରୀମାନେ ତହସିଲ କାର୍ଯ୍ୟାଳୟ ଦୌଡୁଥିଲେ ମଧ ପ୍ରଶାସନ ପକ୍ଷରୁ ଏହାର ସମାଧାନ କରାଯାଇନାହିଁ। ଶେଷରେ ସୋମବାର ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ସେମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଶୁଣି ସମସ୍ୟାର ସାମାଧାନ କରି ତୁରନ୍ତ ଘରବାରି ପଟ୍ଟା ପାଇଥିବା ସମ୍ପୃକ୍ତ ହିତାଧିକାରୀମାନଙ୍କୁ ଜମି ଚିହ୍ନଟ କରି ଦଖଲ ଦେବାକୁ ଜିଲାପାଳ ଶିବିରରେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଅମର ଜେ.ଡୁଙ୍ଗଡୁଙ୍ଗଙ୍କୁ ପଚାରିବାରୁ ପଟ୍ଟା ପାଇଥିବା ବ୍ୟକ୍ତିମାନଙ୍କ ପ୍ଲଟର ଡ଼ିମାରକେଶନ କରି ସେମାନଙ୍କୁ ଦେଖାଇ ଦିଆଯାଇଛି। ତେବେ ସେହି ଜମି ଜବରଦଖଲରେ ଥିବାରୁ ପଟ୍ଟାଧାରୀମାନେ ସେଠାକୁ ଯାଇ ପାରୁନାହାନ୍ତି। ସେମାନଙ୍କୁ ଜମିର ପଜେଶନ ଦିଆ ଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଫେରାଦ ହେବାକୁ ଆସିଥିବା ହିତାଧିକାରୀମାନେ।

## ଜାତୀୟ ଗ୍ରାହକ ପଞ୍ଚାୟତ ଦିବସ



କଲେଜ ଅଧକ୍ଷଙ୍କ ସହ ମୁଖ୍ୟଅତିଥି ଓ ଅନ୍ୟମାନେ।

କୁଚିଣ୍ଡା,୨୪।୧୨(ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତ୨କଲେଜରେ ମଙ୍ଗଳବାର ଜାତୀୟ ଗ୍ରାହକ ପଞ୍ଚାୟତ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ରେଡକ୍ରସ ଓ ରେଡ ରିବନ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ କୃଷ୍ଣଚନ୍ଦ୍ର ପୂଝାରୀ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ଗ୍ରାହକ ପଞ୍ଚାୟତ ଦିବସର ମହତ୍ତ୍ୱ ଓ ଗ୍ରାହକଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଏଥିରେ ଅଧାପକ ସୁଧିର କୁମାର ନାଏକ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସବୁ ସମୟରେ ଗ୍ରାହକମାନେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଡିଇଓ ସମିନ ରଞ୍ଜନ ନାଏକ, ସେକ୍ସନ ଅଫିସର ଭେଷଜ ଗରଡିଆ, ଜୟଦେବ ରାଉତ ଓ ଅସିମ କୁମାର ପରୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭିସୁଟ୍‌କୁ କେନ୍ଦ୍ର ଏଫ୍‌ଆଇଏସ୍‌ଟି ଯୋଜନାରେ ୧.୦୯ କୋଟି ମଞ୍ଜୁର

ସମ୍ବଲପୁର,୨୪।୧୨(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଭିତ୍ତିଭୂମି ବିକାଶ ପାଇଁ ୫ବର୍ଷ ସକାଶେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମି ବିକାଶ ପାଣ୍ଠି(ଏଫ୍‌ଆଇଏସ୍‌ଟି) ଯୋଜନାରେ ନୂଆଦିଲ୍ଲୀର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ(ଡିଏସ୍‌ଟି) ପକ୍ଷରୁ ୧.୦୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଉନ୍ନତ ଗବେଷଣା ସୁବିଧା ସହ ଜୈବ ସୁସଙ୍ଗତ ପଲିମରିକ ନାନୋହାଇଡ୍ରୋଜେଲର ଡିଜାଇନ ପାଇଁ ବିଭିନ୍ନ ନାନୋପୋରସ ଓ ନାନୋମାଟେରିଆଲ ସ୍ତରର ମିଶ୍ରଣରେ ପରିବେଶ ଅନୁକୂଳ ନାନୋକମ୍ପୋଜିଟର ବିକାଶ ପାଇଁ ବିଭିନ୍ନ ଜୈବ ସୁସଙ୍ଗତ ପଲିମରିକ ହାଇଡ୍ରୋଜେଲର ଡିଜାଇନ ଓ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ସାହାଯ୍ୟରେ ତାପଜ ରିସାଇକ୍ଲିଂ ମାଧ୍ୟମରେ ବର୍ଜ୍ୟ ପ୍ଲାଷ୍ଟିକ୍‌ର ସୁପରିଚାଳନା ଦ୍ୱାରା ଶକ୍ତି ସଂରକ୍ଷଣ କରାଯାଇପାରିବ। ସେହିପରି ଚିକିତ୍ସା ଓ ଅନ୍ୟାନ୍ୟ ଅନୁରୂପ କ୍ଷେତ୍ରରେ ପ୍ରୟୋଗ ପାଇଁ ସେନ୍ସିଂ କୌଶଳ, ସମ୍ଭାବ୍ୟ ଜୈବିକ ଅଣୁ, ଅପଚୟ ସାମଗ୍ରୀରୁ ଉତ୍ପାଦରୁ ଚିକିତ୍ସା, ଶିଳ୍ପ, ଫାର୍ମା କ୍ଷେତ୍ରରେ ବ୍ୟବହାର ପାଇଁ ନୂତନ ବର୍ଗର ନୂତନ ବର୍ଗର ନାନୋସାମଗ୍ରୀର ଡିଜାଇନ୍ କରାଯିବ। ଯାହା ନିଶ୍ଚିତ ଭାବେ ସ୍ଥାନୀୟ ଲୋକଙ୍କ ସହିତ ଅନ୍ତର୍ଜାତୀୟ ସ୍ତରର ମଧ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି କୁହାଯାଇଛି।

## ସଂକ୍ଷେପରେ

### ଟ୍ରାକ୍ଟରରେ ଚାପି ହୋଇ ଚାଳକ ମୃତ

ଜମନକିରା,୨୪।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଫାଶିମାଲ ପଞ୍ଚାୟତ ଅନ୍ତର୍ଗତ ଦେହୁରୁଣିମାଲ ଗ୍ରାମରେ ମଙ୍ଗଳବାର ଟ୍ରାକ୍ଟରରୁ ଖସି ପଡିପଡି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦୀପକ ଠାକୁର (୨୫)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ ଦେହୁରୁଣିମାଲ ଗାଁର ଦୀପକ ଟ୍ରାକ୍ଟର ଚଳାଇ ଘରକୁ ଆସୁଥିଲେ। କୌଣସି କାରଣବଶତଃ ସେ ଖସି ପଡ଼ିବାରୁ ଟ୍ରାକ୍ଟର ଚକତଳେ ଚାପିହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଫାଶୀମାଲ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜମନକିରା ଥାନା ପୋଲିସ କୁଚିଣ୍ଡା ଡାକ୍ତରଖାନାକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି। ପୋଲିସ ଟ୍ରାକ୍ଟରକୁ ଜବତ କରିଛି।

### ବିଡିଓଙ୍କ ତାଗିଦ ପରେ ଜଳିଲା ଷ୍ଟ୍ରିଟ ଲାଇଟ



କୁଚିଣ୍ଡା,୨୪।୧୨(ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ହାଡ଼ିପାଲି ପଞ୍ଚାୟତର କିଣ୍ଡିରା ଗ୍ରାମରେ ଷ୍ଟ୍ରିଟ ଲାଇଟ ମରାମତି ନାମରେ କାର୍ଯ୍ୟନିର୍ବାହୀ ଅଧିକାରୀ ମିଥ୍ୟା ତଥ୍ୟ ଦେଇ ବିଡିଓଙ୍କ ରୋଷର ଶିକାର ହୋଇଛନ୍ତି। ଗତ ସେପ୍ଟେମ୍ବରରେ ଷ୍ଟ୍ରୀଟ ଲାଇଟ ଜଳୁ ନ ଥିବା ଜିଲା ପ୍ରଶାସନଠାରେ ଅଭିଯୋଗ ହୋଇଥିଲା। ମାତ୍ର ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲାଇଟଗୁଡିକ ମରାମତି ପରେ ଜଳୁଥିବା ସମ୍ପର୍କରେ ବିଡିଓଙ୍କୁ ରିପୋର୍ଟ କରିଥିଲେ। ପଞ୍ଚାୟତ ଅଧିକାରୀଙ୍କ ରିପୋର୍ଟ ଆଧାରରେ ବିଡିଓ ଲାଇଟ ଜଳୁଛି ବୋଲି ପତ୍ର ସଂଖ୍ୟା. ୧୦୭୬୦/ ୩୦।୧୧।୨୦୧୪ରେ ଜିଲା ପ୍ରଶାସନକୁ ଚିଠି ମାଧ୍ୟମରେ ଜଣାଇଥିଲେ। ମାତ୍ର ପରିତାପର ବିଷୟ ଲାଇଟ ମରାମତି ନ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କନିଷ୍କ ସାହୁ ବିଡିଓଙ୍କୁ ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗକୁ ମଧ ଜିଲା ପ୍ରଶାସନ ପକ୍ଷରୁ ବିଡିଓଙ୍କ ରିପୋର୍ଟ ଆଧାରରେ ପତ୍ରାଳାପ କରାଯାଇଥିଲା। ହେଲେ ବାସ୍ତବରେ କିଣ୍ଡିରା ଗ୍ରାମରେ ଷ୍ଟ୍ରିଟ ଲାଇଟ ମରାମତି ହୋଇ ନ ଥିବା ବିଡିଓ ଜୟନ୍ତୀ ସାହୁ ଅବଗତ ହେବା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ କନିଷ୍କ ସାହୁଙ୍କୁ ତାଗିଦ୍ କରିଥିଲେ। ତୁରନ୍ତ ଏହାର ମରାମତି କର ରିପୋର୍ଟ ଦେବାକ କହିଥିଲେ। ବିଡିଓଙ୍କ ତାଗିଦ୍ ପରେ ସୋମବାର ଅଚଳ ଷ୍ଟ୍ରିଟ ଲାଇଟ ମରାମତି କରାଯାଇଥିଲା।

## ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା


ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

- ଯୁକ୍ତ ଦୁଇରେ ଅଙ୍କୁଶ, ସୁଭଦ୍ରା ଚାମ୍ପିୟନ
- ଯୁକ୍ତ ୩ ଓ ସ୍ନାତକୋତ୍ତର ବର୍ଗରେ ଗୌରବ, ସୁପ୍ରିୟା ପଣ୍ଡା ଚାମ୍ପିୟନ

ସମ୍ବଲପୁର,୨୪।୧୨(ବି.ଶଙ୍କର)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍‌ଏସସିବି) ମହାବିଦ୍ୟାଳୟ ଖେଳ ପଡିଆରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଡ. ସୁଜିତ ପ୍ରଧାନ ଓ ସୁରେଶ ଏକ୍କାଙ୍କ ନେତୃତ୍ୱରେ ଏନସିସି ଛାତ୍ରୀଛାତ୍ରମାନେ ମଶାଲ ନେଇ ନଗର ପରିକ୍ରମା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ୧୦୦, ୨୦୦, ୮୦୦, ୧୫୦୦ ମିଟର ଦୌଡ଼ ପ୍ରତିଯୋଗିତା, ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ, ଦଉଡ଼ି ଡିଆଁ, ସ୍ଲୋ ସାଇକିଲିଂ ଇତ୍ୟାଦି ପ୍ରତିଯୋଗିତା ବାଳିକା ଓ ବାଳକ ବର୍ଗରେ ହୋଇଥିଲା । ଯୁକ୍ତ ୨ ବାଳକ ବର୍ଗରେ ଅଙ୍କୁଶ ଭୋଇ ଓ ବାଳିକା ବର୍ଗରେ ସୁଭଦ୍ରା ସିଂ ଗୋସାଇଁ ଚାମ୍ପିୟନ ହେଇଥିଲେ। ଯୁକ୍ତ ୩ ଓ ସ୍ନାତକୋତ୍ତର ବାଳକ ବର୍ଗରେ ଗୌରବ ଦାଶ ଏବଂ ବାଳିକା ବର୍ଗରେ ସୁପ୍ରିୟା ପଣ୍ଡା ଚାମ୍ପିୟନ ହୋଇଥିଲେ । ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ଇତିହାସ ବିଭାଗମୁଖ୍ୟ ପ୍ରଫେସର ଦୁର୍ଲ୍ଲଭ କୁମାର ସା ମୁଖ୍ୟ ଅତିଥି, ଓଡ଼ିଆ ବିଭାଗମୁଖ୍ୟ ଡ.ଶ୍ୟାମ ଭୋଇ ମୁଖ୍ୟଅତିଥି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସମସ୍ତ ବର୍ଗର ବିଜେତା ଏବଂ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବ୍ୟାଡମିଣ୍ଟନ ଏବଂ କ୍ରିକେଟ ଟୁର୍ନାମେଣ୍ଟର ବିଜେତାମାନଙ୍କୁ ଟ୍ରଫି, ମେଡାଲ, ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଖେଳ ଉତ୍ସବକୁ ଅଧାପକ ସୁରେଶ ଏକ୍କା, ଅଧାପିକା ଅଳକା ଲୁଗୁନ୍, ସହକାରୀ ପ୍ରଫେସର ଡ. ସତ୍ୟରଞ୍ଜନ ଗାରୁ, ଅଧାପକ ସତ୍ୟପ୍ରକାଶ ଗୁରୁ, ବିଶ୍ୱଜିତ ମହାନ୍ତି, ଭାରପ୍ରାପ୍ତ ପିଇଟି ମନୋରଞ୍ଜନ ନାୟକ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ସନ୍ତୋଷ ରଞ୍ଜନ ବେହେରା, ଅଧାପିକା ମିନତି ଛତ୍ରିଆ, ସହକାରୀ ପ୍ରଫେସର ରୋଜାଲୀ ସେଠ୍, ହର୍ଷିତା ସ୍ୱାଇଁ, ଅଧାପିକା ମେଞ୍ଚା ପୂର୍ତ୍ତି, ଡ. ମିଲି ସାହୁ ଏବଂ ଏନଏସଏସ ସ୍ୱେଚ୍ଛାସେବୀମାନେ ଏଥିରେ ସହଯୋଗ କରିଥିଲେ।

## କ୍ଷେତରାଜପୁର ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସମ୍ବଲପୁର,୨୪।୧୨(ପ୍ରମୋଦ ବହିଦାର)

ସମ୍ବଲପୁର କ୍ଷେତରାଜପୁର ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ବିଦ୍ୟାଳୟର ଏନ୍‌ସିସି ଶିକ୍ଷୟିତ୍ରୀ ଅନିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସମଲେଶ୍ୱରୀ ମନ୍ଦିରରୁ ପ୍ରଜ୍ୱଳିତ ମଶାଲ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା ପୂର୍ବକ ବିଦ୍ୟାଳୟରେ ପ୍ରବେଶ କରିବା ପରେ ଅଧକ୍ଷ ସନ୍ତୋଷ କୁମାର ହୋତା କ୍ରୀଡ଼ା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡ଼ାର ଶୁଭାରମ୍ଭ ଘୋଷଣା କରିଥିଲେ। ପ୍ରଥମେ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲାପି ରେସ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଭିନ୍ନ ବର୍ଗ ଓ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଧକ୍ଷ ହେତା, ଉପାଧକ୍ଷ ବିପିନ କୁମାର ସିଂ, ପ୍ରଧାନ ଶିକ୍ଷୟତ୍ରୀ ରାଜେଶ ନନ୍ଦିନୀ ସାମଲ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ଉତ୍ସବକୁ ଶିକ୍ଷୟିତ୍ରୀ ଶୋଭିତା ବେହେରା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୌମ୍ୟା ପ୍ରୟମ୍ବଦା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାନୁଆରୀ ୧୦ରେ ସ୍ୱତନ୍ତ୍ର ବୈଠକ

**କିର୍ମିରା ବ୍ଲକ ଅଧକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ**

ଝାରସୁଗୁଡା,୨୪।୧୨(ଆଶିଷରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଚେୟାରମ୍ୟାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଆସନ୍ତା ଜାନୁଆରୀ ୧୦ରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ। ପ୍ରକାଶଥାଉ କି, ହାଇକୋର୍ଟଙ୍କ ଆଦେଶ କ୍ରମେ ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଗତ ନଭେମ୍ବର ୧୮ ତାରିଖ ଧାର୍ଯ୍ୟ କରି କିର୍ମିରା ବ୍ଲକର ସମସ୍ତ ସମିତି ସଭ୍ୟ ଓ ସରପଞ୍ଚମାନଙ୍କୁ ନୋଟିସ କରିବା ପରେ ବ୍ଲକ ଚେୟାରମ୍ୟାନ କୃଷ୍ଣପ୍ରିୟା ସାହୁ ହାଇକୋର୍ଟରେ ଏକ ରିଟ ପିଟିସନ ଆବେଦନ କରିଥିଲେ। ଉକ୍ତ ପିଟିସନ ପରେ ଧାର୍ଯ୍ୟ ହୋଇଥିବା ତାରିଖର ସ୍ୱତନ୍ତ୍ର ବୈଠକ ଉପରେ ରହିତାଦେଶ ଜାରି ହୋଇଥିଲା। ପୁଣି ଗତ ଡ଼ିସେମ୍ବର ୧୨ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ରହିତାଦେଶ ଉଠାଇବା ସହ ଉପଜିଲାପାଳଙ୍କୁ ବୈଠକର ତାରିଖ ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଦେଶ ଅନୁଯାୟୀ ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଜାନୁଆରୀ ୧୦ରେ କିର୍ମିରା ବ୍ଲକ ସଭାଗୃହରେ ୧୦ଟା ୩୦ରେ ସ୍ୱତନ୍ତ୍ର ବୈଠକ କରିବା ପାଇଁ ଧାର୍ଯ୍ୟ କରିଛନ୍ତି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଏସ୍‌ପିର ଦାବିପତ୍ର

**ଆମ୍ବେଡକରଙ୍କୁ ଅପମାନ, ଅମିତ ଶାହା କ୍ଷମା ମାଗନ୍ତୁ**

ସମ୍ବଲପୁର,୨୪।୧୨(ପ୍ରମୋଦ ବହିଦାର)

ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଡ଼କରଙ୍କ ପ୍ରତି ସଂସଦରେ ଅପମାନଜନକ ମନ୍ତବ ଦେଇଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ନିଃସର୍ତ୍ତ କ୍ଷମା ମାଗନ୍ତୁ। ଅନ୍ୟଥା ତାଙ୍କୁ ସଂସଦରୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ବହୁଜନ ସମାଜପାର୍ଟି(ବିଏସ୍‌ପି) ପକ୍ଷରୁ ଦାବି କରାଯାଇଛି। ମଙ୍ଗଳବାର ବିଏସ୍‌ପିର ସମ୍ବଲପୁର ଜିଲା ସଂଯୋଜକ ଅନୀଲ ନାୟକଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ମୁଦିପଡ଼ା ଛକରୁ ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପ୍ରଦାନ କରିଥିଲେ। ସଂଯୋଜକ ନାୟକ କହିଛନ୍ତି, ଯଦି ଗୃହମନ୍ତ୍ରୀ ୭ ଦିନ ମଧ୍ୟରେ ବାବା ସେହେବଙ୍କ ପ୍ରତି ଦେଇଥିବା ବୟାନକୁ ପ୍ରତ୍ୟାହାର କରି ଏଥିପାଇଁ ନିସର୍ତ୍ତ କ୍ଷମା ପ୍ରାର୍ଥନା ନ କରନ୍ତି ଓ ତାଙ୍କୁ ସଂସଦରୁ ବରଖାସ୍ତ କରା ନ ଯାଏ ତହେଲେ ଆଗାମୀ ଦିନରେ ବିଏସ୍‌ପି ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇବ। ରାଲିରେ ବିଏସ୍‌ପି ଜିଲା ସଭାପତି କୁମେଶ ବାଗ, ସାଧାରଣ ସମ୍ପାଦକ ଜୃନ୍ଦାବନ ରାଜହଂସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ କୈଳାସ ଲୁହା, ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ସଞ୍ଜୀବ ପଂସାରୀ, ମହିଳା ମୋର୍ଚ୍ଚା ଅଧକ୍ଷା ତୁଲସା ରାଜହଂସ, ଉପାଧକ୍ଷା ଇପ୍ସିତା ନାଏକ, ସମ୍ପାଦିକ ଇନ୍ଦୁମତି ବାଗ, ସହସମ୍ପାଦିକା ପିଙ୍କି ବିଭାର, ମୂଳନିବାସୀ ସେନାର ହେମନ୍ତ ଗର୍ଡିଆ ପ୍ରମୁଖସାମିଲ ହୋଇଥିଲେ।



ରାଲିରେ ବାହାରିଥିବା ବିଏସ୍‌ପି କର୍ମକର୍ତ୍ତା ଓ କର୍ମୀ।

## ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ

ସମ୍ବଲପୁର,୨୪।୧୨(ବି.ଶଙ୍କର)

ବୀର ସୁରେନ୍ଦ୍ର ସାଏ ୨୭ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ମଙ୍ଗଳବାର ସମ୍ବଲପୁର ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚଠାରେ ଉଦ୍‌ଘାଟିତ ହୋଇଯାଇଛି। ଯୁବ ଉଦୟନ ଅନୁଷ୍ଠାନ ଆୟୋଜିତ ପ୍ରତିଯୋଗୀତାକୁ ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ନାଟକ ପ୍ରତିଯୋଗୀତା ମାଧ୍ୟମରେ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ପ୍ରଚାର ପ୍ରସାର ହୋଇପାରିବ । ଏଥିସହ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନ ପାଇବାକୁ ସୁଯୋଗ ସୃଷ୍ଟି କରିଛି ବୋଲି ମନ୍ତ୍ରୀ ନାଏକ ମତବ୍ୟକ୍ତ କରିଛନ୍ତି। ସମ୍ମାନୀତ ଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ଯୁବ ଉଦୟନର ନାଟକ ପ୍ରତିଯୋଗୀତା ପ୍ରକୃତ ପକ୍ଷେ ସମ୍ବଲପୁରୀ ଭାଷା ଆନ୍ଦୋଳକୁ ସୁଦୃଢ଼ କରିପାରିଛି। ନାଟକ ସମାଜକୁ ପରିବର୍ତ୍ତନର ବାଟ ଦେଖାଇଥାଏ ବୋଲି କହିଥିଲେ।

ପ୍ରଥମ ରଜନୀରେ ନାଟକ ଅମୃତ ମହୋତ୍ସବ, ପାଠ ନାଇ ହେଲେ ଶାଠ ହେଉ ଏବଂ ଚିନାମାଳି ମଞ୍ଚସ୍ଥ ହୋଇଥିଲା। ପ୍ରଥମ ନାଟକ ବରଗଡ ଜିଲା ସୋହେଲ ଡ୍ରାମା ଚେତନ କଳାକାରମାନେ ଅମୃତ ମହୋତ୍ସବ ନାଟକ ମଞ୍ଚସ୍ଥ କରିଥିଲେ। ଏହାକୁ ରାଜେଶ କୁମାର କାରିଆ ରଚନା କରିଥିବା ବେଳେ ଡ. ତୁଷାର କାନ୍ତ ସାହୁ ନିର୍ଦ୍ଦେଶନା ଦେଇଥିଲେ । ଦଳିତ ଜାତିର ସମସ୍ୟାକୁ ନାଟକଟି ଗତିଶୀଳ ହୋଇଥିଲା। ସରକାରଙ୍କ ସଂରକ୍ଷଣ ବ୍ୟବସ୍ଥା, ଦଳିତଙ୍କ ଜୀବନରେ କେତେ ପରିବର୍ତ୍ତନ ଆଣି ପାରିଛି ତାକୁ କଳାକାରମାନେ ପରିବେଷଣ କରିଥିଲେ। ଦ୍ୱିତୀୟ ନାଟକ ବରଗଡ ଜିଲା ନାଟ୍ୟମ ଅନୁଷ୍ଠାନର କଳାକାରମାନେ ପାଠ ନାଇ ହେଲେ ଶାଠ ହେଉ ମଞ୍ଚସ୍ଥ କରିଥିଲେ। ନରେନ୍ଦ୍ର ମହାନ୍ତି ରଚନା କରିଥିବା ବେଳେ ସୁଶାନ୍ତ ନଏକ ନିର୍ଦ୍ଦେଶନା ଦେଇଥିଲେ। କେବଳ ପାଠ ପଢ଼ିବା ହିଁ ଜୀବନର ସାର୍ଥକତା ନୁହେଁ, ବରଂ ଜଣେ ବ୍ୟକ୍ତି ତା'ର ପ୍ରତିଭା ବଳରେ ପ୍ରତିଷ୍ଠିତ ହୋଇ ପାରେ ବୋଲି ଏହି ନାଟକରେ ପ୍ରତିପାଦିତ ହୋଇଥିଲା । ତୃତୀୟ ନାଟକ ଚିନାମାଲି ମଞ୍ଚସ୍ଥ ହୋଇଥିଲା। ବଲାଙ୍ଗୀର ଜିଲା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷା ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ। ଏହାକୁ ଅଧାପକ କେଶରଞ୍ଜନ ପ୍ରଧାନ ରଚନା କରିଥିବା ବେଳେ ଚନ୍ଦ୍ରକାନ୍ତ ମହାନନ୍ଦ ନିର୍ଦ୍ଦେଶନ ଦେଇଥିଲେ। ସେହିପରି ସଚ୍ଚିଦାନନ୍ଦ ମିଶ୍ର ଓ ପ୍ରକାଶ ସାହୁ ଆଲୋକ ସଂପାତ କରିଥିଲେ। ପୁରୁଷ କେନ୍ଦ୍ରିକ ସମାଜରେ ଚିନାମାଲିକେମିତି ବର୍ବରତାର ଶିକାର ହୋଇଛି, ସେନେଇ ନାଟକଟି ଗତିଶୀଳ ହୋଇଥିଲା। ଆୟୋଜନ କମିଟି ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଯୁବ ଉଦୟନ ସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଂଯୋଜକ ଜଗଦିଶ ମିଶ୍ର, ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟର ସରୋଜ କୁମାର ଦଲପତ, ସୁଶାନ୍ତ କୁମାର ପୁରୋହିତ, ସୀତାକାନ୍ତ ପାଣିଗ୍ରାହୀ, ସରୋଜ କୁମାର ସାହୁ, ଶୁଭେନ୍ଦୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଚାରକ ଭାବେ ଡ. ଶ୍ୟାମସୁନ୍ଦର ଧର, ପଦ୍ମଲୋଚନ ଦାଶ ଓ ନାଟ୍ୟଶ୍ରୀ ପୁଷ୍ପାଞ୍ଜଳି ବେହେରା ଯୋଗଦେଇଥିଲେ। ୧୯୯୭ ମସିହାରୁ ଏହି ପ୍ରତିଯୋଗିତା ହୋଇଆସୁଛି । ଆଗାମୀ ୨୮ ତାରିଖ ପର୍ଯ୍ୟନ୍ତ ଦିନକୁ ତିନୋଟି ନାଟକ ଅଭିନୀତ ହେବାକୁ ସ୍ଥିର ହୋଇଛି।


ସମ୍ବଲପୁରୀ ନାଟକ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

